


Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com



Vol - 20 Issue No:1 18 April 2024 (Thursday) Rourkela Rs.2.00 Page -1 ୨୦ ବର୍ଷ ସଂଖ୍ୟା :୧ ୧୮ ଏପ୍ରିଲ ୨୦୨୪ (ଗୁରୁବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


# ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢିପାରନ୍ତି ମୁଖ୍ୟମନ୍ତ୍ରୀ !



## ସମ୍ବଲପୁରରେ ବଦଳିବେ ବିଜେଡି ପ୍ରାର୍ଥୀ !

ଭୁବନେଶ୍ୱର, ୧୭/୪ (ନି/ପ୍ର) : ରାଜ୍ୟ ରାଜନୀତିରେ ଆସିଛି ଆଉ ଏକ ଟ୍ୱିଷ୍ଟ । ମୁଖ୍ୟମନ୍ତ୍ରୀ କେଉଁଠୁ ଲଢିବେ ନିର୍ବାଚନ, ସେ ନେଇ ମଧ୍ୟ ଆରମ୍ଭ ହୋଇଛି କଳ୍ପନାଜଳ୍ପନା । କୁହାଯାଉଛି ଏଥର ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ଲଢିପାରନ୍ତି ମୁଖ୍ୟମନ୍ତ୍ରୀ । ଏଥିପାଇଁ କଟାଂବାଞ୍ଜି ଆସନକୁ ଟାର୍ଗେଟ ହୋଇଥିବା ରାଜନୀତି ମାହୋଲରେ ଚର୍ଚ୍ଚା ହେଉଛି । ଏହାସହିତ ଦୁଇଟି ଆସନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରିବା ନେଇ ପ୍ଲାନ କରୁଛି ବିଜୁ ଜନତା ଦଳ । ବିଶେଷ କରି ସମ୍ବଲପୁର ଆସନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବା ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ସୂଚନା ଅନୁସାରେ, ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ଆସନକୁ ନେଇ ଏବେ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି । ରାଜ୍ୟ ରାଜନୀତିରେ ଗୋଟିଏ ବଡ଼ ପ୍ରଶ୍ନ, କେଉଁଠୁ ଲଢିବେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ? ତେବେ ଆଲୋଚନା ହେଉଛି ଯେ, ଏଥର ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର କୌଣସି ବିଧାନସଭା ଆସନରୁ ନିର୍ବାଚନ ଲଢିପାରନ୍ତି । ତେଣୁ ଏଥର କଟାଂବାଞ୍ଜି ଆସନ ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟରେ ଥାଇପାରେ ବୋଲି ଚର୍ଚ୍ଚା ହେଉଛି । କାରଣ ବର୍ତ୍ତମାନ ସୁଦ୍ଧା ବିଜେଡି କଟାଂବାଞ୍ଜି ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହା ରିଜର୍ଭ ଥାଇପାରେ ବୋଲି ରାଜନୈତିକ ମାହୋଲରେ ଚର୍ଚ୍ଚା ହେଉଛି । ସେପଟେ ସମ୍ବଲପୁର ଏବଂ ରେଢାଖୋଲ ଆସନକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି । ତେଣୁ ଏହି ଆସନ ପାଇଁ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇପାରେ । ତେବେ ଏମିତି ହେଲେ ଏହା ରାଜ୍ୟ ରାଜନୀତି ପାଇଁ ନିର୍ବାଚନ ପୂର୍ବରୁ ଆଉ ଏକ ଟ୍ୱିଷ୍ଟ ହୋଇପାରେ । ସମ୍ବଲପୁରରୁ ପ୍ରାର୍ଥୀ ହେବା ନେଇ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଅସନ୍ତୋଷ ଥିବା ସୂଚନା ମିଳିଛି । ତେଣୁ ସମ୍ବଲପୁର ଏବଂ ରେଢାଖୋଲ ଆସନ ପାଇଁ ପ୍ରାର୍ଥୀ ଅଦଳବଦଳ କରିପାରେ ବିଜୁ ଜନତା ଦଳ ।

## ଶ୍ରୀମନ୍ଦିରରେ ମହିଳାଙ୍କୁ ସେବାୟତ ମାଡ ମାରିଥିବା ଅଭିଯୋଗ

ପୁରୀ,୧୭/୪ (ନି/ପ୍ର): ଶ୍ରୀମନ୍ଦିରରେ ଏଏସଆଇ ମହିଳା ଶ୍ରମିକଙ୍କୁ ସେବାୟତ ମାଡ ମାରିଥିବା ଅଭିଯୋଗ ହୋଇଛି । ଏନେଇ ମହିଳା ଶ୍ରମିକ ସିଂହଦ୍ୱାର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଦକ୍ଷିଣ ଦ୍ୱାର ଗୁମୁଟ ମରାମତି ସହ ଓ ରୋଷଶାଳାର ପାଖରେ କାର୍ଯ୍ୟ ଚାଲୁଥିବା ବେଳେ ମହିଳା ଶ୍ରମିକଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଏନେଇ ମହିଳା ଶ୍ରମିକ ଥାନାରେ ଏତଲା ଦେବା ସହ ସମସ୍ତ ଶ୍ରମିକ କାର୍ଯ୍ୟବନ୍ଦ କରିବା ସହ ସିଂହଦ୍ୱାର ଥାନା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି ।

# ଗରିବଙ୍କ ପାଇଁ ୩୦ ନିୟୁତ ନୂଆ ଘର...

## ଉତର-ପୂର୍ବ ରାଲିରେ ଲୋକଙ୍କୁ ବଡ ଗ୍ୟାରେଟିଂ ଦେଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ, ୧୭/୪: ତ୍ରିପୁରାର ଅଗରତାଲାରେ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ଦେଶରେ ଗରିବଙ୍କ ପାଇଁ ୩ କୋଟି ନୂଆ ଘର ନିର୍ମାଣ କରିବାକୁ ଯାଉଛନ୍ତି । ଏହା ଦ୍ୱାରା ତ୍ରିପୁରାବାସୀ ବି ବହୁତ ଉପକୃତ ହେବେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେ ଉନ୍ନର-ପୂର୍ବାଚଂଳରେ ଯୋଗାଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ରାମ ମନ୍ଦିର ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଦୀର୍ଘ ୫୦୦ ବର୍ଷର ପ୍ରତୀକ୍ଷା ପରେ ଶେଷରେ ରାମଲାଲା ତମ୍ବୁ ପରିବର୍ତେ ଭବ୍ୟ ମନ୍ଦିରରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମୋଦିଙ୍କ ଗ୍ୟାରେଣ୍ଟି ସମଗ୍ର ଦେଶରେ ଚାଲିଛି । ମୋଦୀଙ୍କ ଗ୍ୟାରେଟିଂର ସାକ୍ଷୀ ହେଉଛି ଉନ୍ନର-ପୂର୍ବ । ଯେଉଁ ଉତର-ପୂର୍ବାଚଂଳକୁ କଂଗ୍ରେସ କେବଳ ସମସ୍ୟା ଦେଇଥିଲା, ବିଜେପି ସେହି ଉନ୍ନର-ପୂର୍ବକୁ ସମ୍ଭାବନାର ଉତ୍ସ କରିଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ଯେତେବେଳେ ସେ ୨୦୧୪ରେ ଆସିଥିଲେ, ସେତେବେଳେ ସେ ତାଙ୍କ ସହ ଆଶା ଆଣିଥିଲେ, ଯେତେବେଳେ ସେ ୨୦୧୯ରେ ଆସିଥିଲେ, ସେ ତାଙ୍କ ସହ ଆତ୍ମବିଶ୍ୱାସ ଆଣିଥିଲେ, ୨୦୨୪ରେ ଯେତେବେଳେ ମୋଦୀ ଆସିବେ, ସେ ତାଙ୍କ ସହିତ ଗ୍ୟାରେଟିଂ ଆଣିବେ । ମୋଦୀଙ୍କ ଗ୍ୟାରେଟିଂର ଅର୍ଥ ହେଉଛି "ଗ୍ୟାରେଟିଂ ପୂରଣହେବାର ଗ୍ୟାରେଟିଂ" ।

# ବିଜେଡିରୁ ସସପେଣ୍ଡ ହେଲେ ରାଜ୍ୟ ଉପସଭାପତି :

## ନିର୍ବାଚନ ପୂର୍ବରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନବୀନ



ଭୁବନେଶ୍ୱର, ୧୭/୪(ନି/ପ୍ର) : ଏପ୍ରିଲ ୧୯ ତାରିଖରୁ ଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଆରମ୍ଭ ହେବାକୁ ଯାଉଛି । ଏଥିସହିତ ୪ଟି ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ମତଦାନ ଗ୍ରହଣ କରାଯିବ । ମେ ୧୩ରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ପ୍ରାର୍ଥୀ ତାଲିକା ଜାରି କରୁଛନ୍ତି । ଏପରି ସ୍ଥିତିରେ ରାଜନେତାମାନେ ଦଳ ବଦଳ କରୁଥିବା ଦେଖାଯାଉଛି । ତେବେ ଏହା ମଧ୍ୟରେ ବିଜେଡି ଶିବିରରୁ ଆସିଛି ଏକ ବଡ଼ ଖବର । ଜଣେ ମହିଳା ନେତ୍ରୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ରାଜ୍ୟ ଉପସଭାପତି ତଥା ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ମିନତୀ ଦେବତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ନବୀନ ମିନତୀଙ୍କୁ ସସପେଣ୍ଡ କରିଛନ୍ତି । ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ସୂଚନା ଜାରି କରିଛନ୍ତି ।


ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com


# ଓଡ଼ିଶା ଆସିବେ ମୋଦୀ :

## କେନ୍ଦ୍ରାପଡା ଲୋକସଭା-ମାହାଙ୍ଗା ବିଧାନସଭା କ୍ଷେତ୍ରରେ ପ୍ରଚାର କରିବେ



ନିଶ୍ଚିନ୍ତକୋଇଲି, ୧୭/୪ (ନି/ପ୍ର): ନିର୍ବାଚନୀ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରାପଡା ଆସିବେ । ଏନେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବଜାର ବନ୍ଧନ ମଣ୍ଡପରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରି ଭାଜପାର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କହିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଉନ୍ନର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଓଡ଼ିଶା ଆସି କେନ୍ଦ୍ରାପଡା ଲୋକସଭା ଓ ମାହାଙ୍ଗା ବିଧାନସଭା କ୍ଷେତ୍ରରେ ପ୍ରଚାର କରିବେ ।

# ୩ ଦିନ ସ୍କୁଲ ଛୁଟି



ଭୁବନେଶ୍ୱର, ୧୭/୪ (ନି/ପ୍ର): ଗ୍ରୀଷ୍ମ ପ୍ରବାହ ଏବଂ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ଆଗାମୀ ୩ ଦିନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏପ୍ରିଲ ୧୮ରୁ ୨୦ ତାରିଖ ଯାଏ ସମସ୍ତ ସ୍କୁଲ ଛୁଟି ରହିବ । ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବାବେଳେ ଏଭଳି ସ୍ଥିତି ଆସନ୍ତା ୩ ଦିନ ଧରି ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟକୁ ୩ ଦିନ ଛୁଟି ଘୋଷଣା କରିଛନ୍ତି ସରକାର ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର, ୧୭/୪ (ନି/ପ୍ର): ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୨୭ତମ ଶ୍ରାଦ୍ଧ ଦିବସ । ଏହି ଅବସରରେ ଶଙ୍ଖ ଭବନଠାରେ ବିଜେଡି ନେତା ଅଶୋକ ପଣ୍ଡା, ମୁନ୍ନା ଖାଁ, ସସ୍ମିତ୍ ପାତ୍ର ଏବଂ ଅନେକ ବିଜେଡି ନେତ୍ରୀ ପ୍ରମୂଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜେଡି ନେତୃବୃନ୍ଦ ଏବଂ କର୍ମୀମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ସମସ୍ତ ନେତା ଓ କର୍ମୀମାନେ ବିଜୁ ବାବୁଙ୍କ ଆଦର୍ଶ ଓ ନୀତିକୁ ବଜାୟ ରଖିବାକୁ ଶପଥ ପାଠ କରିଛନ୍ତି । ବିଜୁ ପଟ୍ଟନାୟକ ହେଉଛନ୍ତି ସେବା ,ତ୍ୟାଗ ଏବଂ ଓଡିଆ ସ୍ୱାଭିମାନୀର ପ୍ରତୀକ । ଏହି ମହାନ୍ ଜନନେତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏହି ସେବା ମନୋଭାବକୁ ଆହୁରି ପରିବର୍ଦ୍ଧିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

# ୪ଦିନ ଜାରି ରହିବ ଗ୍ରୀଷ୍ମ ଲହରି :

## ୫ ସହରରେ ପାରା ଛୁଇଁପାରେ ୪୫ ଡିଗ୍ରି



ଭୁବନେଶ୍ୱର, ୧୭/୪ (ନି/ପ୍ର): ରାଜ୍ୟରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ଜାରି ରହିବ । ୫ଟି ସହରରେ ତାପମାତ୍ରା ୪୫ ଡିଗ୍ରି ପହଚିଂପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଚଂଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍‌ରେ କୁହାଯାଇଛି ଯେ, ଆଜି ବାରିପଦାରେ ପାରା ୪୪ ଡିଗ୍ରି ଓ ଅନୁଗୁଳ, ବୌଦ୍ଧ, ନୂଆପଡ଼ା ଓ ମାଲକାନଗିରିରେ ଦିନର ସର୍ବାଧିକ ତାପମାତ୍ରା ୪୩ ଡିଗ୍ରି ଛୁଇଁପାରେ । ସେହିପରି ଝାରସୁଗୁଡ଼ା ଚାନ୍ଦବାଲି, ଜଗତସିଂହପୁର, ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଡିଗ୍ରି କେରର୍ଡ କରାଯାଇପାରେ । ଏପ୍ରିଲ ୧୮ ତାରିଖରେ ବାରିପଦାର ତାପମାତ୍ରା ୪୫ ଡିଗ୍ରି ହେବାର ଆକଳନ କରାଯାଇଥିବା ବେଳେ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରିରେ ତାପମାତ୍ରା ୪୪ ଡିଗ୍ରି ରେକର୍ଡ କରାଯାଇପାରେ । ନୂଆପଡ଼ା, ଝାରସୁଗୁଡ଼ା, ଭଦ୍ରକ, ଖୋର୍ଦ୍ଧା, ବାଲେଶ୍ୱର ଓ ନୟାଗଡ଼ରେ ୪୩ ଡିଗ୍ରି ପାରା ପହଚିଂ ପାରେ । ଏପ୍ରିଲ ୧୯ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବେ ?ଦ୍ଧ, ବାରିପଦା ଓ ମାଲକାନଗିରିରେ ତାପମାତ୍ରା ୪୫ ଡିଗ୍ରି ରେକର୍ଡ ହେବାର ଆକଳନ କରାଯାଉଛି । ସମ୍ବଲପୁର, ନୂଆପଡ଼ା ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରି ପହଚିଂପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି । ଏପ୍ରିଲ ୨୦ ଓ ୨୦ ତାରିଖ ଦିନ ମଧ୍ୟ ତାତିରୁ ନିସ୍ତାର ମିଳିବ ନାହିଁ । ଏହି ଦୁଇ ଦିନ ସମ୍ବଲପୁରରେ ପାରା ୪୪ ଡିଗ୍ରି ରହିପାରେ । ଏପ୍ରିଲ ୨୦ରେ ସମ୍ବଲପୁର, ସୋନପୁର ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରି ରହିପାରେ । କିନ୍ତୁ ଅନ୍ୟ ସହରରେ ତାପମାତ୍ରା ୧ରୁ ୨ ଡିଗ୍ରି ହ୍ରାସ ପାଇବାର ଆଶଙ୍କା କରାଯାଉଛି ।

# ବନ୍ୟା ପ୍ରଭାବ : ଭାରତ-ଦୁବାଇ ମଧ୍ୟରେ ୨୮ ବିମାନ ବାତିଲ୍

ନୂଆଦିଲ୍ଲୀ, ୧୭/୪ : ପ୍ରବଳ ବର୍ଷା ଓ ଝଡ଼ ତୋଫାନ ଯୋଗୁଁ ବ୍ୟାପକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବେହାଲ ହୋଇପଡ଼ିଛି ଦୁବାଇ । ରେକର୍ଡ ବୃଷ୍ଟିପାତ ଯୋଗୁ ବିମାନ ଉଡ଼ାଣରେ ବିଳମ୍ବ ଏବଂ ଗତିପଥ ପରିବର୍ତ୍ତନ ହେବାସହ କାରଗୁଡିକ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି । ଅତି ଆବଶ୍ୟକ ନଥିଲେ ଦୁବାଇ ବିମାନବନ୍ଦରକୁ ନ ଆସିବାକୁ ଯାତ୍ରୀମାନଙ୍କୁ ଚେତାବନୀ ଦିଆଯାଇଛି । ଏନେଇ ଦୁବାଇ ବିମାନବନ୍ଦର ମୁଖପାତ୍ର କହିଛନ୍ତି, ''ଲଗାତର ଭାବେ ବିମାନଗୁଡ଼ିକ ବିଳମ୍ବ ଏବଂ ଗତିପଥ ପରିବର୍ତ୍ତନ ହେଉଛି । ଅତ୍ୟନ୍ତ ଆହ୍ୱାନମୂଳକ ପରିସ୍ଥିତିରେ ଯଥାଶୀଘ୍ର ଅପରେସନ୍ ସ୍ୱାଭାବିକ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ ।" ଉଭୟ ଦୁବାଇ ଅଭିମୁଖେ ଆସିବାକୁ ଥିବା ଏବଂ ଦୁବାଇରୁ ଉଡ଼ାଣ ଭରିବାକୁ ଥିବା ୫୦୦ରୁ ଉର୍ଦ୍ଧ୍ୱ ବିମାନ ବାତିଲ, ଗତିପତ ପରିବର୍ତ୍ତନ କିମ୍ବା ବିଳମ୍ବ ହୋଇଛି । ଭାରତୀୟ ବିମାନ ଚଳାଚଳ କର୍ତୃପକ୍ଷ ଦୁବାଇ ଅଭିମୁଖେ ଯାଉଥିବା ପ୍ରାୟ ୧୫ଟି ବିମାନକୁ ବାତିଲ କରିଥିବାବେଳେ ଭାରତକୁ ଆସିବାକୁ ଥିବା ୧୩ଟି ବିମାନ ବାତିଲ କରାଯାଇଛି ।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone/Fax: (06767) 255316
Email: utkalsamachar@gmail.com, Mob: 9437066122


# ବିଜେଡିର ମିଶ୍ରଣ ପର୍ବ : ସାମିଲ ହେଲେ ଶତାଧିକ କର୍ମୀ



ଆଳି,୧୭/୪ (ନି/ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ବାଳକାଟି ପଂଚାୟତରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣପର୍ବରେ ବିଜେଡିର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଶ୍ରୀକାନ୍ତ ବରଜ ଓ କରୁଣାକର ନାଥଙ୍କ ନେତୃତ୍ୱରେ ବିଭିନ୍ନ ରାଜନୈତିକ ଦଳ ପରିତ୍ୟାଗ ବିଜେଡିରେ ଯୋଗଦାନ କରିଥିବା ଶତାଧିକ ନବାଗତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ବାଳକାଟି ସରପଂଚ ସୁକାନ୍ତି ପରିଡା, ସମିତି ସଦସ୍ୟ ବିପିନ ବିହାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣପର୍ବରେ ଆଳି ପଂଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତିଙ୍କ ସମେତ ପୂର୍ବତନ ସରପଂଚ ଦିବାକର ନାୟକ, ଶ୍ରମିକ ନେତା ଧନେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ଦଳରେ ମିଶିଥିବା ନବାଗତ ମାନଙ୍କୁ ସ୍ୱାଗତ କରିଥିଲେ ।କାର୍ଯ୍ୟକ୍ରମକୁ ପଂଚାୟତର ଯୁବନେତା ସତ୍ୟଜିତ ରାଉତ,ସନ୍ତୋଷ ନାରାୟଣ ସାହୁ, ହେମନ୍ତ ବେହେରା,ମୁକ୍ତିକାନ୍ତ ଦାସ,ହେମନ୍ତ ବିଶ୍ୱାଳ,ରାଜେଶ ନାଥ,ଖଗେଶ୍ୱର ସାହୁ,ଆଶୁତୋଷ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

# ଅନୁଗୁଳ ଏସପି ଦାୟିତ୍ୱରେ ଥିବା ଡିଆଇଜିଙ୍କ ଜିଲ୍ଲାର ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା



ଅନୁଗୁଳ,୧୭/୪ (ନି/ପ୍ର) : ଜିଲ୍ଲାର ବିଭିନ୍ନ ପ୍ରସଙ୍ଗ ନେଇ ଆଜି ଅନୁଗୁଳ ଏସପି ଦାୟିତ୍ୱରେ ଥିବା ଡିଆଇଜି ଉମାଶାଙ୍କର ଦାଶ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ ।ମୁଖ୍ୟତଃ ନିର୍ବାଚନକୁ କିଭଳି ଅବାଧ ଓ ନିରପେକ୍ଷ କରାଯାଇପାରିବ ସେ ନେଇ ସୂଚନା ଦେଇଥିଲେ ।ଦୁର୍ନୀତି ଓ ଅନିୟମିତତାକୁ ଧରିବା ଲାଗି ଚଢ଼ାଉ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିବା ଉମାଶାଙ୍କର ଦାଶ ସୂଚନା ଦେଇଥିଲେ ।ଏହା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ ସହ ସେଂଟ୍ରାଲ ଫୋର୍ସ ଅଧିକାରୀଙ୍କ ସହ ମିଶି ଷ୍ଟ୍ରଙ୍ଗରୁମର ନିରୀକ୍ଷଣ ସରିଥିବା ବେଳେ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ଫ୍ଲାଗ ମାର୍ଚ୍ଚ ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଫ୍ଲାଗ ମାର୍ଚ୍ଚ ଆରମ୍ଭ ନେଇ ସୂଚନା ଦେଇଥିଲେ ଉମାଶଙ୍କର ଦାଶ ।ଅପରପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ଆରେଞ୍ଜମେଂଟ ନେଇ ପ୍ରସ୍ତୁତି ସରିଥିବା ଡ଼ିଆଇଜି ସୂଚନା ଦେଇଥିଲେ । ଏହା ସହ ଜିଲ୍ଲାର ଟ୍ରାଫିକ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟାର କିଭଳି ସମାଧାନ ହୋଇ ପାରିବ ସେ ନେଇ ସାମ୍ବାଦିକଙ୍କ ସହ ଆଲୋଚନା କରିଥିଲେ ଉମାଶଙ୍କର ଦାଶ ।

# ପବିତ୍ର ରାମ ନବମୀ ଅବସରରେ ଧାମରା ଗୈରିକ ମୟ



ଧାମରା,୧୭/୪ (ନି/ପ୍ର) : ପବିତ୍ର ରାମ ନବମୀ ଅବସରରେ ଧାମରା ଗୈରିକ ମୟ ହୋଇପଡିଛି । ଏହି ଅବସରରେ ଧାମରା ବଜାର ଠାରୁ ଆରମ୍ଭ କରି ଧାମରା ୮ପଂଚାୟତରେ ଶ୍ରୀରାମ ନବମୀ ଅବସରରେ ସମସ୍ତ ଅଂଚଳରେ ଗୈରିକ ପତାକା ପୁର ପଲ୍ଲୀରେ ଛାଇ ଯାଇଥିବା ବେଳେ ସମସ୍ତ ଅଂଚଳରେ ଶ୍ରୀରାମ ଧ୍ୱନି ମଧ୍ୟରେ ଉତ୍ସବ ମୁଖର ହୋଇ ପଡିଛି । ଏହି ପବିତ୍ର ଦିବସ ଅବସରରେ ସତ୍ୟ ଧର୍ମ ଓ ନ୍ୟାୟରେ ଚାଲିବା ପାଇଁ ସମସ୍ତେ ପ୍ରେରଣା ପାଇଥାନ୍ତି । ପୁରୁଷୋତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ସଂପୂର୍ଣ୍ଣ ଜୀବନ ମାନବ ଜାତି ପାଇଁ ଉତ୍ସର୍ଗୀକୃତ ଥିବା ବେଳେ ଆଜିର ଏହି ନବମୀ ଅବସରରେ ଧାମରାର ପ୍ରତିଷ୍ଠିତ ଦେବୀ ମା ଧାମରାଇଙ୍କ ମନ୍ଦିର ନିକଟରୁ ଏକ ଭବ୍ୟ ରଥ ବାହାରି ଧାମରା, ଜାଗୁଲା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ, ବାଂଶଡା ଏବଂ ଦୋସିଙ୍ଗା ପଂଚାୟତ ଅତିକ୍ରମ କରିବା ପରେ ଭଦ୍ରକ ଅଭିମୁଖେ ଯାତ୍ରା କରିଥିଲା । ପୁରପଲ୍ଲୀରେ ଶ୍ରୀରାମ ନାରା ଏବଂ ଶୁଭଶଙ୍ଖର ତାଳେ ତାଳେ ଜୟ ଶ୍ରୀରାମ ଏବଂ ଜୟ ହନୁମାନ ଲେଖା ସମ୍ବଳିତ ପତାକା ଧରି ଶ୍ରୀରାମ ଭକ୍ତ ମାନେ ଏହି ଯାତ୍ରାରେ ଯୋଗ ଦେଇଥିଲେ । ଏହି ପବିତ୍ର ରଥ ସହ ଧାମରା ଅଂଚଳର ତ୍ରିଦିବେଶ ପ୍ରଧାନ, ପ୍ରଭାସ ରଞ୍ଜନ ସ୍ୱାଇଁ, ଡା.ଜନ୍ମେଞ୍ଜୟ ବେହେରା, ମନୋଜ ଲେଙ୍କା, ପ୍ରଦ୍ୱୀପ ରାଉତ, ବିପିନ ବେହେରା, ବାପୁଜୀ ମାଝୀ, ଗଗନ ବେହେରା, ପ୍ରମୋଦ ପ୍ରଧାନ, ଉଲ୍ଲାସ ମାଝୀ, ଶରତ ଦଳେଇ, ବିଜୟ ସାହୁ, ଗୋପାଳୀ ମାଝୀଙ୍କ ସହ ଶତାଧିକ ରାମ ଭକ୍ତ ମାନେ ସାମିଲ ଥିଲେ ।

# ଦୁର୍ଘଟଣାଗ୍ରସ୍ତ ହାଇଓ୍ୱା ସହ ବସ ଧକ୍କା – ଡ୍ରାଇଭର ମୃତ



ଅନୁଗୁଳ,୧୭/୪ (ନି/ପ୍ର) : ଅନୁଗୁଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ ରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଥିବା ଏକ ବାଲି ବୋଝେଇ ହାଇଓ୍ୱା ଗାଡିକୁ ଏକ ଯାତ୍ରୀବାହୀ ବସ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଡ଼ଲଫିନ ନାମକ ଏକ ଘରୋଇ ନାଇଟ କୋଚ୍ ବସ ପୁରୀ ଅଭିମୁଖେ ପ୍ରାୟ ୩୦ ଯାତ୍ରୀଙ୍କୁ ଯାଉଥିଲା । ତେବେ ଜାତୀୟ ରାଜପଥ ୫୫ ର ଜରପଡ଼ା ନିକଟରେ ଏକ ଦୁର୍ଘଟଣା ଗ୍ରସ୍ତ ଗାଡି ସହ ଭୋର ପ୍ରାୟ ୪ ଟା ବେଳେ ବସ ଟି ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଡ୍ରାଇଭରର ମୃତ୍ୟୁ ହୋଇଥିଲା । ଗାଡି ଏତେ ଜୋରରେ ଧକ୍କା ହୋଇଥିଲା ଯେ ବସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ସ୍ଥାନୀୟ ଲୋକ ଓ ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ମୃତାହତ ମାନଙ୍କୁ ଉଦ୍ଧାର କରି ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ବସଯାତ୍ରୀ ମାନଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି

# ପବିତ୍ର ଶ୍ରୀରାମ ନବମୀ ପାଇଁ ଭଦ୍ରକ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଭଦ୍ରକ,୧୭/୪ (ନି/ପ୍ର) : ପବିତ୍ର ଶ୍ରୀରାମ ନବମୀ ଅବସରରେ ଭଦ୍ରକ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ପେଟ୍ରୋଲିଂକୁ ଜୋରଦାର କରାଯାଇଛି । ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପେଟ୍ରୋଲିଂ ସହ ପୁଲିସ ଭ୍ୟାନ ବୁଲି ଯାଂଚ କରୁଛି । ଏହାସହ ପୁଲିସ ପକ୍ଷରୁ ?ସୋସିଆଲ ମିଡ଼ିଆ ଉପରେ କଡ଼ା ନଜର ରଖାଯାଇଛି । ରାମ ନବମୀକୁ ଦୃଷ୍ଟିରେ ରଖି ଭଦ୍ରକ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି । ସ୍ଥାନୀୟ ଗାନ୍ଧି ପଡିଆରେ ପୂଜା ପାଠ ସହ ଯଜ୍ଞ ଓ ହନୁମାନ ଚାଳିଶା ପାଠ କରାଯାଉଛି । ବୁଧବାର ଅପରାହ୍ନ ୪ଟାରେ ନଗରସଂକୀର୍ତ୍ତନ ବାହାରିବ । ୮୨ଟିରୁ ଅଧିକ ପ୍ରଜ୍ଞାପନ ମେଢ ସାହିବସ୍ତିରୁ ବାହାରିବ । ଏଥିପାଇଁ ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।



# ଅନୁଗୁଳ ର ଅନିମେଶ ୟୁପିଏସସି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ



ଅନୁଗୁଳ,୧୭/୪ (ନି/ପ୍ର) : ୟୁପିଏସସି ପରୀକ୍ଷାରେ ଝଟକିଛନ୍ତି ଅନୁଗୁଳ ଜିଲ୍ଲା ତାଳଚେରର ପୁଅ ଅନିମେଶ ପ୍ରଧାନ । ୧ ହଜାର ୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ସ୍ଥାନରେ ବାଜି ମାରିଛନ୍ତି ଅନିମେଶ ପ୍ରଧାନ । ଆଜି ପ୍ରକାଶ ପାଇଥିବା ସର୍ବ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ କରିଛନ୍ତି ତାଳଚେର ଭାଲୁଗାଡ଼ିଆ ଗ୍ରାମର ଅନିମେଶ ପ୍ରଧାନ । ତାଳଚେର ଅଂଚଳ ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ତାଙ୍କ ପରିବାର ସମେତ ଅଂଚଳବାସୀ ବେଶ ଖୁସି ଥିବା ଦେଖିବାକୁ ମିଳିଛି । ଅନିମେଶଙ୍କ ପିତା ସ୍ୱର୍ଗତ ପ୍ରଭାକର ପ୍ରଧାନ ହିଙ୍ଗୁଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଥିଲେ । ତାଙ୍କ ଅଜା ହଟ୍ଟକିଶୋର ପାତ୍ର ଅନୁଗୋଳ ଓ ଢେଙ୍କାନାଳର ତତ୍କାଳୀନ ଅତିରିକ୍ତ ଜିଲାପାଳ ଓ ଭଉଣୀ ଅନ୍ୱେଷା ଏବେ ଛେଣ୍ଡିପଦା ଉଦ୍ୟାନ କୃଷି ବିଭାଗର ଅଧିକାରୀ ଭାବେ କାର୍ଯ୍ୟରତ । କଳିଙ୍ଗ ଡିଏଭିରେ ଏଲ୍‌କେଜିରୁ ପାଠ ଆରମ୍ଭ କରିଥିବା ଅନିମେଶ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଡିଏଭି ବିଦ୍ୟାଳୟସ୍ତରରେ ସର୍ବଭାରତୀୟ ଟପର୍ ଥିଲେ । ଏନ୍‌ଆଇଟି ରାଉରକେଲାରୁ ୨୦୨୧ରେ କମ୍ପ୍ୟୁଟର ସାଇନ୍ସରେ ଉତ୍ତୀର୍ଣ୍ଣ ହୋଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନରେ ଦିଲୀରେ ଚାକିରି କରୁଥିଲେ । ପିତାଙ୍କୁ ୨୦୧୫ ଓ ମାତାଙ୍କୁ ଗତ ମାର୍ଚ୍ଚ ୧ ତାରିଖରେ ସେ ହରାଇଥିଲେ ହେଁ ଆଜି ସର୍ବଭାରତୀୟସ୍ତରରେ ସଫଳତା ହାସଲ କରିଛନ୍ତି । ପିଲାଟି ବେଳରୁ ଅନିମେଶ ପଢାରେ ବେଶ କୃତକାର୍ଯ୍ୟ ହେଉଥିବା ବେଳେ ମେଟ୍ରିକ ଓ ଯୁକ୍ତ ଦୁଇ ତାଳଚେରର ଡିଏଭି ସ୍କୁଲରେ ପଢି ସଫଳତା ହାସଲ କରିଥିବା ବେଳେ କେନ୍ଦ୍ରସରକାରଙ୍କ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସେ ଏନଆଇଟି ରାଉରକେଲାରେ ଅଧ୍ୟୟନ ସାରି ଇଣ୍ଡିଆନ ଓଏଲ କର୍ପୋରେସନରେ ଚାକିରୀ କରିବା ସହ ଦିଲ୍ଲୀ ରେ ରହି ପ୍ରଶାସନିକ ସେବା ଅଧିକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ । ଅନିମେଶଙ୍କ ବାପାଙ୍କର ୨୦୧୫ ମସିହାରେ ଦେହାନ୍ତ ହୋଇଥିବା ବେଳେ ମାଆଙ୍କର ୨୦୨୪ ମସିହାରେ ଦେହାନ୍ତ ହୋଇଥିଲା । ମା କ୍ୟାନସର ରୋଗରେ ପୀଡ଼ିତ ଥିବା ବେଳେ ଅନିମେଶଙ୍କ ଖୁସି ପାଇଁ ମୃତ୍ୟୁ ଯାଏ ଲାଗି ପଡିଥିଲେ । ଆଜି ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପା-ମାଙ୍କୁ ମୁଖ୍ୟତଃ ଦେଇଥିବା ବେଳେ ଶିକ୍ଷା ପାଇଥିବା ସମସ୍ତ ସ୍କୁଲ , ବନ୍ଧୁ , ଗୁରୁ ମାନଙ୍କୁ ମଧ୍ୟ ଦେଇଛନ୍ତି । ଆଜିର ଏହି ସଫଳତାକୁ ପାଇବା ପାଇଁ ସେ ଅନେକ ଚେଷ୍ଟା କରିଥିଲେ ବୋଲି ଆମକୁ ପ୍ରତିକ୍ରିୟାରେ କହିଛନ୍ତି । ଯେତେବୀ ପ୍ରତିକୂଳ ପରିସ୍ଥିତି ଥାଉ ନା କାହିଁକି , ବାପା-ମାଙ୍କ ଆଶ୍ରିବାଦକୁ ଶ୍ରେୟ ମନେକରି ପରିଶ୍ରମ କରି ଚାଲିଲେ ସଫଳତା ନିଶ୍ଚୟ ମିଳିବ ବୋଲି ମଧ୍ୟ କହିଛନ୍ତି ।

# ଅମରେନ୍ଦ୍ରଙ୍କୁ ବିଜେପି ଦେଲା ସୁଯୋଗ : ବାଲିକୁଦା-ଏରସମାରୁ ସତ୍ୟ ସାରଥି ମହାନ୍ତି ପ୍ରାର୍ଥୀ



ଜଗତସିଂହପୁର,୧୭/୪ (ନି/ପ୍ର): ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ଓ ବାଲିକୁଦା-ଏରସମା ବିଧାନସଭା ଆସନ ପାଇଁ ବିଜେପି ଆଜି ପ୍ରାର୍ଥୀ ତାଲିକା ଘୋଷଣା କରିଛି । ନିକଟରେ ବିଜେପିରେ ସାମିଲ ହୋଇଥିବା ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଅମରେନ୍ଦ୍ର ଦାସଙ୍କୁ ଜଗତସିଂହପୁରରୁ ପ୍ରାର୍ଥୀ କରିଛି । ସେହିଭଳି ବାଲିକୁଦା-ଏରସମାରୁ ସତ୍ୟ ସାରଥି ମହାନ୍ତିଙ୍କୁ ବିଜେପି ପ୍ରାର୍ଥୀ କରିଛି । ଅମରେନ୍ଦ୍ର ଦାସଙ୍କୁ ବିଜେପି ପ୍ରାର୍ଥୀ ଘୋଷଣା କରିବା ପରେ ତାଙ୍କର ସମର୍ଥକମାନେ ବାଣ ଫୁଟାଇ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଅମରେନ୍ଦ୍ର ଦାସ ଆଜି ଭୁବନେଶ୍ୱରରୁ ଜଗତସିଂହପୁର ଫେରିବା ସମୟରେ କଇଜଙ୍ଗା ନିକଟରେ ଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଣ୍ଡିଆ ମାରିଥିଲେ । ଅମରେନ୍ଦ୍ର କହିଛନ୍ତି ଯେ ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ବିଷ୍ଣୁ ଦାସଙ୍କର ସଦର ମହକୁମାରେ ଏକ ପ୍ରତିମୂର୍ତ୍ତି ତିଆରି କରାଯିବ । ତାଙ୍କ ପ୍ରତି ଜନସାଧାରଣଙ୍କର ଭଲପାଇବା ଓ ସହଯୋଗ ରହିଛି । ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ହେଉଛନ୍ତି ଏଠି ଦଳର ମୁରବୀ । ସେ ଯେମିତି ବାଟ ଦେଖାଇବେ ଆମେ ସେମିତି ଯିବୁ ବୋଲି ଅମରେନ୍ଦ୍ର କହିବା ସହିତ ତାଙ୍କୁ ସୁଯୋଗ ଦେଇଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟପଟେ ବାଲିକୁଦା-ଏରସମାରୁ ପ୍ରାର୍ଥୀ ହୋଇଥିବା ସତ୍ୟ ସାରଥି ମହାନ୍ତି ମଧ୍ୟ ଉଭୟ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ବିଜେପି ଜିଲ୍ଲାର ସମସ୍ତ ଚାରି ବିଧାନସଭା ଆସନରେ ତାର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡି କିନ୍ତୁ ଏଯାଏ ବାଲିକୁଦା-ଏରସମା ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ । କଂଗ୍ରେସ ବି ଜଗତସିଂହପୁର ଓ ବାଲିକୁଦା-ଏରସମା ପାଇଁ ଏଯାଏ ପ୍ରାର୍ଥୀ ଘୋଷଣା କରି ନାହିଁ ।

# ଶକ୍ତି ମହାନ୍ତି ଓ ହେମନ୍ତ ଦଳପତି ସମ୍ମାନିତ ହେବେ





ବାଲେଶ୍ୱର,୧୭/୪ (ନି/ପ୍ର) : ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାବାନ ଯୁବପିଢ଼ିର ଦୁଇ ସୁଖ୍ୟାତ କବି ଡକ୍ଟର ଶକ୍ତି ମହାନ୍ତି ( ଜନ୍ମ – ୧୯୭୪) ଏବଂ ହେମନ୍ତ ଦଳପତି ( ଜନ୍ମ ୧୯୭୪)ଙ୍କୁ ୨୦୨୪ ବର୍ଷ ପାଇଁ କବି ଚନ୍ଦ୍ର କୁମାର ମହାନ୍ତି ଯୁବପ୍ରତିଭା କବିତା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ସ୍ମୃତି କମିଟି ପକ୍ଷରୁ ଏକ ବିବୃତିରେ ଆବାହକ କୃଷ୍ଣ କୁମାର ମହାନ୍ତି ଓ ଉତ୍ପଳ ମହାନ୍ତି ଜଣାଇଛନ୍ତି । ଆସନ୍ତା ଜୁଲାଇ ୬ ଶନିବାର ସନ୍ଧ୍ୟା ୬ଟାରେ ବାଲେଶ୍ୱରସ୍ଥିତ ଭେନିଆ ପାରାଡାଇଜ୍ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ୮ମ ସ୍ମୃତି ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । କବି ଶକ୍ତି ମହାନ୍ତି ଓ କବି ହେମନ୍ତ ଦଳପତି ଓଡ଼ିଆ କବିତାର ଜଣେ ଜଣେ ଖ୍ୟାତିସମ୍ପନ୍ନ କବି ଭାବରେ ପରିଚିତି ହାସଲ କରିଛନ୍ତି । କବିତା ସୃଜନା କ୍ଷେତ୍ରରେ ଉଭୟେ ସକ୍ରିୟ ରହିଛନ୍ତି । ଶକ୍ତି ସାମାଜିକ ପ୍ରତିବଦ୍ଧତା ସାଙ୍ଗକୁ ସମ୍ପର୍କ ଓ ସମାଜର ସହାବସ୍ଥାନକୁ ନେଇ କବିତା ଲେଖୁଥିବା ବେଳେ ହେମନ୍ତ ବଂଚିତ ମଣିଷର ଆର୍ତ ଓ ଅସହାୟତାକୁ ନେଇ କବିତା ଲେଖି ନୂଆ କାବ୍ୟ ପରମ୍ପରା ସୃଷ୍ଟି କରିଛନ୍ତି । ଉଭୟେ ଏକାଧିକ କବିତା ସଂକଳନର ସ୍ରଷ୍ଟା ମଧ୍ୟ ଅଛନ୍ତି । ସୂଚନାଯୋଗ୍ୟ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତିରେ ୨୦୧୮ ମସିହା ଠାରୁ ୫୦ ବର୍ଷରୁ କମ୍ ବୟସ୍କ ଯୋଗ୍ୟ ଯୁବ ପ୍ରତିଭାଙ୍କୁ ମନୋନୀତ କରାଯାଇ ଏହି ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ସ୍ମୃତି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି । ଏହି କ୍ରମରେ ଏ ସମ୍ମାନ ପୂର୍ବ ବର୍ଷମାନଙ୍କରେ କବି ପ୍ରତୀକ୍ଷା ଜେନା, କବି ସରୋଜ ବଳ, କବି ଶୁଭଶ୍ରୀ ଲେଙ୍କା, କବି କିଶୋର ପାଣିଗ୍ରାହୀ, କବି ଲିପିକା ଦାସ, କବି ଅଙ୍ଗୁରବାଳା ପରିଡା ଓ କବି ମନୋଜ କୁମାର ମେହେର୍ ପ୍ରମୁଖ ଗ୍ରହଣ କରିଛନ୍ତି । ଚଳିତ ବର୍ଷ ଏହି ପୁରସ୍କାର ପାଇବାକୁ କବି ଶକ୍ତି ମହାନ୍ତି ଓ କବି ହେମନ୍ତ ଦଳପତି ମିଳିତ ଭାବେ ମନୋନୀତ ହୋଇଥିବା ଘୋଷଣା କରାଯାଇ ସ୍ମୃତି କମିଟି ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଜୁଲାଇ ୬ରେ ହେବାକୁ ଥିବା ସ୍ମୃତି ଉତ୍ସବରେ କବି ଉତ୍ପଳ ମହାନ୍ତିଙ୍କ କବିତା ପୁସ୍ତକ ‘ଆମଲେଟ୍ : ଏକ ଭ୍ରୁଣହତ୍ୟାର କଥା’ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ମୃତି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

# ବାଜି ରାଉତ ମାଟିରୁ ବିଜେଡ଼ିର ନିର୍ବାଚନ ପ୍ରଚାର ଆରମ୍ଭ ବିକାଶ ପାଇଁ ଡବଲ ଶଙ୍ଖ

ଭୁବନ,୧୭/୪ (ନି/ପ୍ର): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନ ବ୍ଲକ ଜୋନ୍ ୩ରେ ଆଜିଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ବିଜୁ ଜନତାଦଳର ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲ । ଭୁବନ ନିଳକଣ୍ଠପୁର ସ୍ଥିତ ବାଜିରାଉତ ସ୍ମୃତି ପୀଠରେ ପ୍ରଥମେ ବାଜି ରାଉତଙ୍କୁ ପୁଷ୍ପ ହାର ମାଲ୍ୟାର୍ପଣ କରିବା ପରେ ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲ ଜୋନ୍‌ସ୍ତରୀୟ ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି । ବିଶାଳ ବାଇକ୍ ଶୋଭାଯାତ୍ରାରେ ନିଳକଣ୍ଠପୁର ଗ୍ରାମ ପରିକ୍ରମା କରିବା ସହ ମହୁଲପାଳ ହାଟ ପଡ଼ିଆରେ ଦଳ ପକ୍ଷରୁ ହୋଇଥିବା ସମ୍ବର୍ଦ୍ଧନା ଓ ସଂକଳ୍ପ ସଭାରେ ଯୋଗ ଦେଇଥିଲେ । ଏହି ସଭାରେ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ଦଳର ସମସ୍ତ କର୍ମକର୍ତା ସହ ବହୁସଂଖ୍ୟାରେ ମହିଳା ଓ ଜନସାଧାରଣ ଯୋଗ ଦେଇଥିଲେ । ଦଳ ପକ୍ଷରୁ ଦୁଇ ପ୍ରାର୍ଥୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲ ଆଗାମୀ ନିର୍ବାଚନରେ ଯୋଡି ଶଙ୍ଖ ରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ କହିଥିଲେ । ବିଧାୟକ ପ୍ରାର୍ଥୀଙ୍କୁ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଲୋକସଭାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିଜ ଅଂଚଳକୁ ଆହୁରି ବିକଶିତ କରିବା ପାଇଁ ଜନସାଧାରଣଙ୍କୁ ସହଯୋଗ କରିବାପାଇଁ କହି ଭୋଟ୍ ମାଗିଥିଲେ । ଏହି ଅବସରରେ ଲୋକସଭା ପ୍ରାର୍ଥୀ ଡଃ ଅବିନାଶ ସାମଲଙ୍କୁ ଲୋକେ ବିପୁଳ ଉତ୍ସାହର ସହ ସ୍ୱାଗତ କରିଥିଲେ । ସେହିପରି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ପୁନର୍ବାର ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବା ପାଇଁ କହିଥିବା ବେଳେ ଅବିଭକ୍ତ ଢ଼େଙ୍କାନାଳର ଯୁବ ସାଂସଦ ପ୍ରାର୍ଥୀ ଡଃ ଅବିନାଶ ସାମଲଙ୍କୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜୋନ୍ ୩ ର ସମସ୍ତ ସରପଂଚ, ସମିତି ସଭ୍ୟ, ଭୁବନ ବ୍ଲକ ବିଜୁ ଜନତାଦଳ ସଭାପତି ରମେଶ ଚନ୍ଦ୍ର ସାହୁ ଓ ସତ୍ୟଜିତ ବିମଳ ମିଶ୍ରଙ୍କ ସମେତ ୫ ହଜାରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଜାମୁଦଲକ ରେ ଏକ ଦିବସୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଂଟ

ଚମ୍ପୁଆ,୧୭/୪ (ନି/ପ୍ର) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜାମୁଦଲକ ଠାରେ ରାତ୍ରିକାଳୀନ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି । ଜାମୁଦଲକ ବୈତରଣୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଥିବା ଏହି ଟୁର୍ଣ୍ଣାମେଂଟ ରେ ଦୂର ଦୁରାନ୍ତରୁ ଆସିଥିବା ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ । ସର୍ବଶେଷରେ ଗମ୍ଭାରୀଆ କ୍ରିକେଟ କ୍ଲବ ସହିତ ଚମ୍ପୁଆ (୧୧) କ୍ରିକେଟ କ୍ଲବ ଫାଇନାଲ ଖେଳିଥିବା ବେଳେ ଚମ୍ପୁଆ ଦଳ ଚମ୍ପିୟାନ ହୋଇ ଟ୍ରଫି ହାସଲ କରିବାରେ ସଫଳ ହୋଇଥିଲେ । ଏହି ଖେଳରେ ମୁଖ୍ୟଅତିଥିଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଚମ୍ପୁଆ ବ୍ଲକ ଚ୍ୟାରମେନ ସିଦ୍ଧାର୍ଥ ସିଂହ ପ୍ରମୁଖ ଯୋଗ ଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଂଚଳରେ କିପରି ଖେଳର ବିକାଶ ହୋଇ ପାରିବ ସେ ସମ୍ପର୍କରେ ନିଜ ନିଜ ଅଭିଭାଷଣ ମାଧ୍ୟମରେ ଆଲୋକ ପାତ କରିଥିଲେ ।

# ବିବିଧା



## ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ

ଆଜି ବାର୍ଷିକୀରେ

## କବିବର ରାଧାନାଥ ରାୟ



## ବ୍ୟବସାୟ ବୃଦ୍ଧି ପାଇଁ 'ପାଇନାପଲ୍' ହେୟାର୍ ଷ୍ଟାଇଲ୍



## ବିଶ୍ୱ ହେମୋଫିଲିଆ ଦିବସ



ଆଜିର ଇତିହାସ

## ଘୁଞ୍ଚିଲା 'ସିଂଘମ୍ ଏଗେନ୍'ର ରିଲିଜ୍ ଡେଟ୍





## ପୂଜାଘରେ ରଖନ୍ତୁନି ଏହି ସବୁ ଜିନିଷ



ଉତ୍କଳ ସମାଚାର

## ସମ୍ପାଦକୀୟ...

ଗୁରୁବାର ୧୮ ଏପ୍ରିଲ ୨୦୨୪

# ସର୍ବଜୀବେ ପ୍ରେମ

୧୯୧୯ ମସିହା ଅଗଷ୍ଟ ମାସରେ ଶ୍ରୀ ଶ୍ରୀ ଠାକୁର କଲିକତା ଯାଇଥିଲେ । ତା ପୂର୍ବରୁ ୧୯୧୯ ମସିହାର ଏପ୍ରିଲ ୧୪ ତାରିଖ ଚୈତ୍ର ସଂକ୍ରାନ୍ତିଦିନ ଗୋଟିଏ ଘଟଣା ଘଟେ । ତାହା ଏଠାରେ ଉଲ୍ଲେଖଯୋଗ୍ୟ । ପ୍ରେମ ଆଉ ଭଲ ପାଇବାର କଥା ଆମେ ବହିରେ ପଢୁ - ବକ୍ତୃତାରେ ଶୁଣୁ, କିନ୍ତୁ ଯେତେବେଳେ ସେଇ ପ୍ରେମ କୌଣସି ମଣିଷ ଭିତରେ ମୂର୍ତ୍ତ ହୋଇଉଠେ, ସେଇ ମଣିଷଟି ହୋଇଉଠେ ଶିବ ସୁନ୍ଦରର ପ୍ରତୀକ, ତାଙ୍କୁ ଦର୍ଶନ କଲେ ବି ପୁଣ୍ୟ, ତାଙ୍କ କଥା ଭାବିଲେ ବି ପୁଣ୍ୟ । ତାଙ୍କର ସଙ୍ଗ ଲାଭ ଜୀବନର ପରମ କାମ୍ୟ । ଏ ପ୍ରକାର ଭଲପାଇବାର ମୂର୍ତ୍ତ ପ୍ରତୀକ ଧରାଧାମକୁ ଥରେ ଆସିଥିଲେ ତଥାଗତରୂପେ, ଯିଏ ଛାଗଶିଶୁର ଜୀବନ ରକ୍ଷା ନିମିନ୍ତ ନିଜର ଜୀବନ ବଳି ଦେବାକୁ ଉଦ୍ୟତ ହୋଇଥିଲେ । ବର୍ତ୍ତମାନ ବିଂଶ ଶତାବ୍ଦୀରେ ତନ୍ତୁଲ୍ୟ ଭଲପାଇବାର ମୂର୍ତ୍ତନା ଆମେ ଦେଖିବାକୁ ପାଉ ଶ୍ରୀ ଶ୍ରୀ ଠାକୁରଙ୍କ ମଧ୍ୟରେ । ଚୈତ୍ର ସଂକ୍ରାନ୍ତି ଦିନ ହିମାଇତପୁର ସତସଙ୍ଗବାଟୀ ନିକଟସ୍ଥ ଶ୍ମଶାନଭୂମିରେ ଜଣେ ଶକ୍ତି ସାଧକ ଛାଗ ବଳିଦେଇ ପୂଜା କରିବା ପାଇଁ ବାଦ୍ୟ ବଜେଇ ଧୁମ୍‌ଧାମରେ ଆରମ୍ଭ କଲେ । ଶ୍ରୀ ଶ୍ରୀ ଠାକୁର ଛାଗବଳି ସହ୍ୟ କରିପାରନ୍ତି ନାହିଁ । ଜଗନ୍ମାତା ସମସ୍ତଙ୍କର ମାଆ, ଛାଗଶିଶୁର ମଧ୍ୟ ମାଆ । ତେଣୁ ମା'ର ସନ୍ତାନକୁ ବଳି ଦେଇ ମା'ର ପୂଜା ହୋଇପାରେନା, ମା' ସେ ପୂଜା ଗ୍ରହଣ କରିପାରନ୍ତି ନାହିଁ । ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରାଣରେ ଆଘାତ ଦେବା ପାଇଁ ହିଁ ଉକ୍ତ ଶକ୍ତିସାଧକ ଅନ୍ୟତ୍ର ଶ୍ମଶାନ ଥିବା ସତ୍ତ୍ୱେ ସ୍ୱେଚ୍ଛାପୂର୍ବକ ହିମାଇତପୁର ଶ୍ମଶାନ କ୍ଷେତ୍ରକୁ ତାଙ୍କର ଜୀବବଳି ଓ ପୂଜାର ସ୍ଥଳରୂପେ ମନୋନୀତ କରନ୍ତି । ଶ୍ରୀ ଶ୍ରୀ ଠାକୁର ଶକ୍ତିସାଧକ ନିକଟକୁ ଯାଇ ଅନେକ ଅନୁନୟବିନୟ କରିବାକୁ ଲାଗିଲେ, କେତେ କାତର ପ୍ରାର୍ଥନା ଜଣାଇଲେ ଛାଗ ଶିଶୁଟିକୁ ଛାଡ଼ି ଦେବା ପାଇଁ । ଶକ୍ତି ସାଧକ ସନ୍ନ୍ୟାସୀ ଶ୍ରୀ ଶ୍ରୀ ଠାକୁରଙ୍କ କଥା ଗ୍ରାହ୍ୟ କଲେନାହିଁ । ସେତେବେଳେ ଶ୍ରୀ ଶ୍ରୀ ଠାକୁର ସେଇ ସାଧକଙ୍କୁ କହିଲେ - ଦେଖନ୍ତୁ ଆପଣଙ୍କର ଏହା ଏକ ଯଜ୍ଞ । ଯଜ୍ଞରେ ବ୍ରାହ୍ମଣକୁ ଦାନ ଦେବାର ବ୍ୟବସ୍ଥା ଅଛି । ମୁଁ ବ୍ରାହ୍ମଣ, ମୋତେ ଏଇ ଛାଗଶିଶୁଟି ଦାନ କରନ୍ତୁ । ସାଧକ ଆରକ୍ତିମ ନୟନରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଡ଼କୁ ଲକ୍ଷ୍ୟ କରି କହିଲେ - ଏ ଛାଗ ଶିଶୁଟିକୁ ତୁମକୁ ମୁଁ କୌଣସି ପ୍ରକାରେ ଦେଇପାରିବି ନାହିଁ । ସେତେବେଳେ ଶ୍ରୀ ଶ୍ରୀ ଠାକୁର କହିଲେ - ଦେଖନ୍ତୁ ପଶୁବଳି ଛଡ଼ା ତ ମା'ଙ୍କର ପୂଜା ହୁଏ । ଆପଣ ଦୟାକରି ଏଇ ଛାଗଶିଶୁକୁ ବଳି ନ ଦେଇ ଅନ୍ୟ ଉପଚାରରେ ପୂଜା କରନ୍ତୁ । ଏହା କହି ସେ ସେଇ ସାଧକର ପଦଯୁଗଳ ଧରି ସନିର୍ବନ୍ଧ ଅନୁରୋଧ କରିବାକୁ ଲାଗିଲେ । ମାତ୍ର ସେଥିରେ ସେ ରାଜି ହେଲେ ନାହିଁ, ପୁଣି ଶ୍ରୀ ଶ୍ରୀ ଠାକୁର ତାଙ୍କୁ କରଯୋଡ଼ି କହିଲେ - ତା' ହେଲେ ଛାଗଶିଶୁ ପରିବର୍ତ୍ତେ ମୋତେ ହିଁ ବଳି ଦିଅନ୍ତୁ । ଶ୍ରୀ ଶ୍ରୀ ଠାକୁରଙ୍କର ଏହି ପ୍ରକାର ଆତ୍ମବଳି ଦେବାର କଥା ଶୁଣି ଶ୍ରୀ ଶ୍ରୀ ଠାକୁରଙ୍କର ଜଣେ ପରମଭକ୍ତ, ଅନୁକୂଳ ବ୍ରହ୍ମଚାରୀ, ଯିଏ ସେଠାରେ ଉପସ୍ଥିତ ଥିଲେ ସେ ଶକ୍ତି ସାଧକଙ୍କୁ କହିଲେ - ଦେଖନ୍ତୁ, ମୋର ପରମାରାଧ୍ୟ ଶ୍ରୀ ଶ୍ରୀ ଠାକୁର ପ୍ରାଣରେ ଏତେ କଷ୍ଟ ପାଇଛନ୍ତି ଯେ ଛାଗଶିଶୁ ପରିବର୍ତ୍ତେ ନିଜର ପ୍ରାଣବଳି ଦେବାକୁ ଉଦ୍ୟତ ହୋଇଛନ୍ତି । ଆପଣ ଗୋଟିଏ କାମ କରନ୍ତୁ, ଯଦି ବଳି ଦେବାକୁ ହୁଏ ତେବେ ମୋତେ ହିଁ ବଳି ଦିଅନ୍ତୁ, ମୁଁ ହିଁ ଏଇ ବଳିର ଶ୍ରେଷ୍ଠ ପାତ୍ର । ମୁଁ ବ୍ରାହ୍ମଣ ସନ୍ତାନ, ବ୍ରହ୍ମଚାରୀ, ମୋର କେହି ନାହାନ୍ତି । ଯଦି ମୋତେ ବଳି ଦେବାକୁ ଆପଣଙ୍କୁ ଭୟ ଲାଗୁଛି ତେବେ ଆପଣଙ୍କର ଖଣ୍ଡାଟି ମୋତେ ଦିଅନ୍ତୁ, ମୁଁ ନିଜେ ହିଁ ନିଜର ବଳିଦେବି । ଏହା ମୋର ଆତ୍ମବଳି ହିଁ ହେବ, ସେଥିରେ ଆପଣଙ୍କର କୌଣସି ଦୋଷ ହେବନାହିଁ । ଶକ୍ତି ସାଧକ ସେଥିରେ ମଧ୍ୟ ରାଜି ହେଲେନାହିଁ । ବୋଧହୁଏ, ଭୟ ହେତୁରୁ - କାଳେ ତାଙ୍କୁ ନରହତ୍ୟାର ଦାୟରେ ପଡ଼ିବାକୁ ହେବ । ଏହା ମଧ୍ୟରେ ବାଦାନୁବାଦ ଓ ଗଣ୍ଡଗୋଳ ଶୁଣି ଜନନୀ ମନୋମୋହିନୀ ଦେବୀ ସେଠାରେ ଉପସ୍ଥିତ ହୋଇ ଶ୍ରୀ ଶ୍ରୀ ଠାକୁରଙ୍କ ହାତ ଧରି ସତ୍‌ସଙ୍ଗବାଟୀକୁ ନେଇଗଲେ । ମାତୃଭକ୍ତି ପରାୟଣ ଶ୍ରୀ ଶ୍ରୀ ଠାକୁର ମାତୃ ଆଜ୍ଞା ଲଙ୍ଘନକରି ନ ପାରି ମାଆଙ୍କ ସହିତ ଆଶ୍ରମ ଫେରି ଆସିଲେ ସତ କିନ୍ତୁ ପ୍ରାଣରେ ଧୈର୍ଯ୍ୟ ଧାରଣ କରି ନପାରି ଅସ୍ଥିର ଭାବେ ପାଗଳପରି ଛୁଟାଛୁଟି କରିବାକୁ ଲାଗିଲେ । ଭକ୍ତ ନଫରଚନ୍ଦ୍ର ଘୋଷ ଶ୍ରୀ ଶ୍ରୀ ଠାକୁରଙ୍କର ଏଇ ଅସହ୍ୟ ଯନ୍ତ୍ରଣା ଦେଖି ସ୍ଥିର ରହି ନପାରି ସେଇ ଶକ୍ତିସାଧକ ପାଖରୁ ଛାଗଟିକୁ ନେଇ ଆସିବା ପାଇଁ ଜନନୀ ମନୋମୋହିନୀ ଦେବୀଙ୍କ ପାଖରେ ଅନୁମତି ଚାହିଁଲା । ଜନନୀ କହିଲେ - ଯଦି କୌଣସି ପ୍ରକାର ବାଦବିସମ୍ବାଦ ବା ଗୋଳମାଳ ନ କରି ଆଣିପାର ତେବେ ଆଣ । ଏଣେ ସେଇ ଶକ୍ତିସାଧକର ଆଦେଶରେ ପ୍ରାୟ ୨୫/୩୦ ଜଣ ଲୋକ ସେଇ ଛାଗଶିଶୁର ପହରାରେ ନିଯୁକ୍ତ ଥିଲେ । ସେମାନେ ସେଇ ଛାଗଶିଶୁକୁ ଚକ୍ରାକାରେ ବେଷ୍ଟନ କରି ରଖିଥିଲେ । ଭକ୍ତ ନଫରଚନ୍ଦ୍ର ଜୟଗୁରୁ ବୋଲି ଏକ ପ୍ରବଳ ହୁଙ୍କାର ଦେଇ ସେମାନଙ୍କର ବ୍ୟୂହ ମଧ୍ୟକୁ ଲମ୍ଫ ପ୍ରଦାନ କରି ଛାଗଶିଶୁକୁ କାଖରେ ଧରି ଡେଇଁ ଡେଇଁ ସତ୍‌ସଙ୍ଗ ଆଶ୍ରମରେ ଆସି ହାଜର ହେଲା । ଏତେ ଅତର୍କିତ ଓ ବିଦ୍ୟୁତ୍‌ବତ କ୍ଷିପ୍ରଗତିରେ ନଫରଭାଇ ଏଇ କାମଟି ଶେଷକଲା ଯେ ଶକ୍ତିସାଧକ ଓ ତାର ଲୋକମାନେ କ'ଣ ଘଟିଗଲା ତାହା ଠଉର କରିବା ପୂର୍ବରୁ ସେ ଛାଗଶିଶୁଟିକୁ ନେଇ ଚାଲି ଆସିଲା । ଶେଷରେ ସେମାନେ ଯେତେବେଳେ ଜାଣିଲେ ଯେ କ'ଣ ଘଟିଛି, ସେତେବେଳେ ସେମାନେ ସ୍ପନ୍ଦନହୀନ ପରି ଅବସ୍ଥାନ କରିବାକୁ ଲାଗିଲେ । ସେଇ ଶକ୍ତିସାଧକ ଓ ତାର ଦଳବଳ ସେମାନଙ୍କର ପୂଜା ପଣ୍ଡ ହେଲା ଦେଖି ଭୟ ପ୍ରଦର୍ଶନ ଓ ଅଭିସମ୍ପାତ୍ ବର୍ଷଣ କରୁ କରୁ ଚାଲିଗଲେ । କହିଗଲେ - ମା'ଙ୍କର ପୂଜା ନଷ୍ଟ କରିଛନ୍ତି, ସେମାନଙ୍କର ଆଉ ନିସ୍ତାର ନାହିଁ । ଶ୍ରୀ ଶ୍ରୀ ଠାକୁର ମୃତ୍ୟୁମୁଖରୁ ଉଦ୍ଧାରପ୍ରାପ୍ତ ଛାଗଶିଶୁଟିକୁ ପାଇ ଆଦରଚୁମ୍ବନରେ ତାକୁ ଅସ୍ଥିର କରି ତୋଳିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ଏଇ ଅପାର୍ଥିବ ପ୍ରେମ କେବଳ ମନୁଷ୍ୟ ଓ ଜୀବଜଗତ ମଧ୍ୟରେ ସୀମାବଦ୍ଧ ନୁହେଁ । ତାଙ୍କ ସମ୍ମୁଖରେ କେହି ଗୋଟିଏ ଗଛର ଡାଳ ଭାଙ୍ଗିଲେ ମଧ୍ୟ ସେ ଶିହରି ଉଠନ୍ତି, ବେଦନା ଅନୁଭବ କରନ୍ତି । ଯେପରି ତାଙ୍କର ଗୋଟାଏ ଅଙ୍ଗ କଟିଗଲା । ଯିଏ ସମଗ୍ର ବିଶ୍ୱକୁ ସତ୍ୟ-ସତ୍ୟ ଆପଣାର ଅଙ୍ଗ ବୋଲି ଅନୁଭବ କରନ୍ତି ତାଙ୍କ ପକ୍ଷରେ ଏପରି ଅନୁଭବ କରିବା ସମ୍ଭବ । ଏପରି ସର୍ବବ୍ୟାପୀ ପ୍ରେମ ଯାହାଙ୍କର ଭିତରେ ମୂର୍ତ୍ତ ହୋଇଉଠେ ସେ ପ୍ରେମର ମୂର୍ତ୍ତିମାନ ବିଗ୍ରହ, ପ୍ରେମାବତାର । ଜଗତର କଲ୍ୟାଣ ପାଇଁ ଏପରି ମହାମାନବର ଆବିର୍ଭାବ କ୍ୱଚିତ୍ କେବେ କେବେ ହୋଇଥାଏ ।

# ସତ କହୁଛି : ମାରାତ୍ମକ ମାଗଣା




ମାଗଣା ଏକ ମାରାତ୍ମକ ଯନ୍ତା ଅଟେ । ଏହା ଲୋଭରେ ଯିଏ ଥରେ ପଡ଼ିଯାଇଥାଏ, ତା'ର ମୃତ୍ୟୁ ସୁନିଶ୍ଚିତ ହୋଇଥାଏ । ବର୍ତ୍ତମାନ ଭାରତବର୍ଷରେ ଅନେକ ରାଜନୈତିକ ଦଳ ନିର୍ବାଚନ ପୂର୍ବରୁ ଅନେକ କଥା ମାଗଣା ଦେବାର ପ୍ରତିଶ୍ରୁତି ଦେଉଛନ୍ତି । 'ଆମେ ଆପଣଙ୍କୁ ମାଗଣା ଚାଉଳ ଦେବୁ, ମାଗଣା ଡାଲି ଦେବୁ, ମାଗଣା ବିଜୁଳି ଦେବୁ, ସ୍କୁଟି ଦେବୁ, ହାତୀ ଦେବୁ, ଘୋଡ଼ା ଦେବୁ ତେଣୁ ତୁମେ ଆମକୁ ଭୋଟ ଦିଅ ।' ଏହା ଶିକାରୀର ପକ୍ଷୀକୁ ଦାନା, ମାଛକୁ କେଚୁଁଆ ଓ ମୂଷାକୁ ଶୁଖୁଆ ସଦୃଶ ଆକର୍ଷିତ କରିଥାଏ । ଯଦି ଏହା ଲୋଭରେ ପଡ଼ି ଆପଣ ଆପଣଙ୍କ ଭୋଟ ଖଣ୍ଡିକ ତାଙ୍କୁ ଦେଇଦେଲେ, ତେବେ ଜାଣନ୍ତୁ ତାଙ୍କ ଯନ୍ତାରେ ଆପଣ ପଡ଼ିଗଲେ । ଦୁଇ ହଜାର ତେଇଶି ମସିହାର ସତ କଥାଟିଏ କହୁଛି । ପଞ୍ଜାବରେ ମନଦୀପ କୌର ନାମକ ଜଣେ ମହିଳା ଡାକୁ, ଯିଏ 'ଡାକୁ ହସିନା' ନାମରେ କୁଖ୍ୟାତ, ଥରେ ତା'ର ସ୍ୱାମୀ ଜସବିନ୍ଦର ସିଂହ ସହିତ ମିଶି ପଞ୍ଜାବ ନେସନାଲ୍ ବ୍ୟାଙ୍କରୁ ପ୍ରାୟ ଦଶ କୋଟି ଟଙ୍କା ଲୁଟ କରି ଖସି ପଳେଇଲା । ପଞ୍ଜାବ ପୁଲିସ ତାକୁ ଧରିବା ପାଇଁ ପିଛା କଲା । ସେ ଉନ୍ନରାଖଣ୍ଡର ହେମକୁଣ୍ଡ ସାହିବ ଗୁରୁଦ୍ୱାରା ହୋଇ ନେପାଳ ଚାଲି ଯିବାକୁ ଯୋଜନା କରିଥିଲା । ପଞ୍ଜାବ ପୁଲିସ ହେମକୁଣ୍ଡ ସାହିବ ଗୁରୁଦ୍ୱାରାରେ ପହଚିଂ ତାକୁ ଧରିବାକୁ ଚେଷ୍ଟା କଲା । କିନ୍ତୁ ଯେହେତୁ ସବୁ ଭକ୍ତ ମୁଣ୍ଡରେ ପଗଡ଼ି ଓ ମୁହଁରେ ରୁମାଲ ବାନ୍ଧି ଗୁରୁଦ୍ୱାରା ଭିତରେ ବୁଲୁଥିଲେ, କାହାରିକୁ ଚିହ୍ନି ହେଉ ନ ଥିଲା । ତେଣୁ, ପଞ୍ଜାବ ପୁଲିସ କ'ଣ କଲା ନା ଗୁରୁଦ୍ୱାରା ସାମନାରେ ଗୋଟେ ମାଗଣା ଫ୍ରୁଟି କାଉଟଂର ଖୋଲି ଭକ୍ତମାନଙ୍କୁ ବାଟିଂବାରେ ଲାଗିଲା । ଡାକୁ ହସିନା ଯେତେବେଳେ ମାଗଣା ଫ୍ରୁଟି ମିଳୁଥିବାର ଦେଖିଲା, ସେଥିରୁ ଗୋଟିଏ ନେଇ ମୁହଁରୁ ରୁମାଲ ବାହାର କରି ପିଇବାକୁ ଲାଗିଲା । ଠିକ୍ ସେତିକି ବେଳେ ପଞ୍ଜାବ ପୁଲିସ ତାକୁ ଚିହ୍ନି ପାରି ମାଡ଼ିବସିଲା । ଡାକୁ ହସିନା ପାଖରେ ଦଶ କୋଟି ଟଙ୍କା ନଗଦ ଥିଲା, କିନ୍ତୁ ମାଗଣା ଗୋଟିଏ ଦଶ ଟଙ୍କିଆ ଫ୍ରୁଟି ଲୋଭରେ ଧରା ପଡ଼ି ଜେଲ ଗଲା । ଟଙ୍କାକୁ ଟଙ୍କା ଗଲା, ଜେଲ ଦଣ୍ଡ ଭୋଗିଲା, କେବଳ ମାଗଣା ଫ୍ରୁଟିଟିଏ ପାଇଁ ! ନୁହେଁ କି ? ଥରେ ଭାବନ୍ତୁ, ଯଦି ସାମାନ୍ୟ ଦଶ ଟଙ୍କିଆ ମାଗଣା ଫ୍ରୁଟିଟି ନିଜ ପାଇଁ ଏତେ ମାରାତ୍ମକ ହୋଇ ପାରୁଛି, ତେବେ ଆପଣ ଜୀବନ ଯାକ ମାଗଣା ଲୋଭରେ ଭୋଟ ଦେଇ ଦେଶ ପାଇଁ କେତେ ମାରାତ୍ମକ ଅବସ୍ଥା ସୃଷ୍ଟି କରୁ ନ ଥିବେ ? ମା' ଓ ମମତା ଯୋଜନାରେ ଆପଣ ମାଗଣା ଜନ୍ମ ହେଲେ, ଶିଶୁ ସୁରକ୍ଷା ଯୋଜନାରେ ଆପଣ ମାଗଣାରେ ବଡ଼ ହେଲେ, ଶିକ୍ଷା ସାଥୀ ଯୋଜନାରେ ମାଗଣା ପାଠ ପଢ଼ିଲେ, ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସିତ ହେଲେ, ମଧୁବାବୁ ଯୋଜନାରେ ପେନ୍‌ସନ୍ ପାଇଲେ, ତୀର୍ଥଯାତ୍ରା ଯୋଜନାରେ ତୀର୍ଥ କଲେ ଓ ଶେଷକୁ ମହାପ୍ରୟାଣ ଯୋଜନାରେ ମାଗଣା ଶବ ବାହକ ଗାଡ଼ି ଖଣ୍ଡିଏରେ ଯାଇ ହରିଶ୍ଚନ୍ଦ୍ର ଯୋଜନାରେ ମାଗଣାରେ ପୋଡ଼ା ହୋଇଗଲେ । ଯଦି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆପଣ ସବୁ ମାଗଣା ପାଇଲେ, ତେବେ ନିଜ ପାଇଁ ଓ ଦେଶ ପାଇଁ ଆପଣ କ'ଣ ଅବଦାନ ଛାଡ଼ିକି ଗଲେ ? ଆପଣ ବ୍ୟାବସାୟିକ ଜମା ଖର୍ଚ୍ଚ ତାଲିକାରେ 'ଜମା'ରେ ନୁହେଁ, ସବୁ ଦିନ ପାଇଁ ଗୋଟେ 'ଖର୍ଚ୍ଚ'ରେ ନାଁ ଲେଖେଇ ଚାଲିଗଲେ । ଏହି ମାଗଣା ଯୋଜନା ଆମ ଦେଶବାସୀଙ୍କ ଉପରେ କ'ଣ ପ୍ରଭାବ ପକାଉଛି, ତାହା ଆମ ଭାରତବର୍ଷରେ ମାଗଣା ଖିଆଙ୍କ ପରିସଂଖ୍ୟାନରୁ ଜାଣିପାରିବେ । ଆମ ଦେଶରେ ଶହେ ଚାଳିଶ କୋଟି ଲୋକ ଓ ଆମ ପ୍ରଦେଶରେ ସାଢ଼େ ଚାରି କୋଟି ଲୋକ, କିନ୍ତୁ ସମୁଦାୟ ଭାରତବର୍ଷରେ ଅଶୀ କୋଟିରୁ ଅଧିକ ଲୋକ ଓ ଆମ ପ୍ରଦେଶର ପ୍ରାୟ ତିନି କୋଟି ଲୋକ ଅର୍ଥାତ୍ ?ଷାଠିଏ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହି ବର୍ଷ ବର୍ଷ ଧରି ମାଗଣା ଚାଉଳ ପାଉଛନ୍ତି । ଏହି ସଂଖ୍ୟା ଦିନକୁ ଦିନ ବଢୁଛି ସିନା, କମୁ ନାହିଁ । କମିବ କିପରି ? ଆପଣ ଯଦି ସବୁ ଯୋଜନା ମାଗଣା କରିଦେବେ, ତେବେ କାମ କିଏ କାହିଁକି କରିବ ? ଆପଣ ଯଦି ଘରେ ବସିଥିବା ଲୋକଙ୍କୁ ମାଗଣାରେ ମାଛ ଖାଇବାକୁ ଦେବେ, ତେବେ ବନସୀ କ[। ଧରି ମାଛ ଧରିବାକୁ କିଏ କାହିଁକି ଯିବ ? ପ୍ରଶ୍ନ ଉଠେ ସରକାର ଏତେ ମାଗଣା ବାଟିଂବା ପାଇଁ ଟଙ୍କା ଆଣୁଛି କେଉଁଠୁ । ଥରେ ମେଷ ଶାବକଟିଏ ତା' ମା'କୁ ଏହି ପ୍ରଶ୍ନ କରିଥିଲା, "ମା', ସରକାର ଆମ୍ଭମାନଙ୍କୁ ପ୍ରତି ବର୍ଷ ଶୀତ ଦିନେ ଦୁଇ ଦୁଇଟି କମ୍ବଳ ମାଗଣା ଦେବେ ବୋଲି କହୁଛନ୍ତି; କିନ୍ତୁ ଏତେ କମ୍ବଳ ପାଇଁ ପଶମ ଆଣିବେ କେଉଁଠୁ ?'' ଏହାର ଉନ୍ନର ହେଉଛି ସର୍ବାଧିକ ଟିକସ ମାଧ୍ୟମରେ କେବଳ ଆମଠୁ ନେଇ ଆମକୁ ଦେବେ ଓ ମାଗଣା ଦେଉଛନ୍ତି ବୋଲି କହି ବୁଲିବେ । ଥରେ ଡକାୟତମାନେ ଏକ କବି ସମ୍ମିଳନୀ କଲେ । ରାଜ୍ୟର ବଛା ବଛା କବିମାନଙ୍କୁ ନିମନ୍ତ୍ରଣ କରାଗଲା । ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରାଗଲା ଓ ନଗଦ ଧନରାଶି ସହିତ ଦାମିକା ଉପଢ଼ୌକନ ଦିଆଗଲା । ଦ୍ୱିପ୍ରହରେ ଭରପୂର ସ୍ୱାଦିଷ୍ଟ ଭୋଜନ ଦିଆଗଲା ଓ ରାତିରେ ସସମ୍ମାନେ ବିଦା କରାଗଲା । ଖୁସିରେ କବିମାନେ ଫେରୁଥିବା ବେଳେ ଡକାୟତମାନେ ତାଙ୍କୁ ବାଟରେ ଘେରି ଯାଇ ଯାହା ଦେଇଥିଲେ ସବୁ ଲୁଟପାଟ କରି ନେଇଗଲେ । କବିମାନେ ପ୍ରଶ୍ନ କଲେ, 'ଯଦି ନେଇଯିବାର ଥିଲା ତେବେ ଦେଇଥିଲ କାହିଁକି ?' ଡକାୟତମାନେ କହିଲେ 'ଦେବା ହେଉଛି ଆମର ଧର୍ମ ଓ ନେବା ହେଉଛି ଆମର କର୍ମ । ଧର୍ମ ଓ କର୍ମ ପାଳନରେ ଆମେ କେବେହେଁ ଅବହେଳା କରି ନ ଥାଉ ।' ଏହା ସରକାରଙ୍କ ବିଭିନ୍ନ ଯୋଜନାରେ ଦେବା ଓ ବିଭିନ୍ନ ଟିକସ ମାଧ୍ୟମରେ ନେବା ସହିତ ତୁଳନୀୟ ନୁହେଁ କି ?

# ଟଙ୍କାର ଟାଣ

ପୁଞ୍ଜିର ଅବାଧ ପ୍ରବେଶ ଓ ପ୍ରସ୍ଥାନ ପଥରେ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରୁଥିବା ରୁଦ୍ଧ କ୍ୟାପିଟାଲ୍ ଆକାଉଟଂ ହେଉଛି ଚୀନା ୟୁଆନ୍ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ନ ହୋଇ ?ପାରିବାର ମୁଖ୍ୟ କାରଣ ବୋଲି ବିଶ୍ୱାସ କରାଯାଉଛି । ଭାରତର କ୍ୟାପିଟାଲ୍ ଆକାଉଟଂ ଚୀନ୍ ଠାରୁ ଅଧିକ ଖୋଲା ହୋଇଥିଲେ ହେଁ, ଅନ୍ୟ କଠିନ ମୁଦ୍ରାସଂପନ୍ନ ଦେଶମାନଙ୍କ ତୁଳନାରେ ଏହା ବହୁ ଅଧିକ ନିବୁଜ ହୋଇଥାଏ । କିନ୍ତୁ ବର୍ତ୍ତମାନର ଅସ୍ଥିର ପୃଥିବୀରେ ବିନ୍ନୀୟ ନିୟନ୍ତ୍ରଣ ସବୁକୁ କୋହଳ କରିବାର ପରିଣତି ବିପଜ୍ଜନକ ହୋଇପାରେ । ଏଣୁ ଟଙ୍କା ଏକ ବାସ୍ତବ ଟାଣୁଆ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ପାଇଁ ମୋଦୀ ଦେଖୁଥିବା ସ୍ୱପ୍ନ ନିକଟ ଭବିଷ୍ୟତରେ ସାକାର ହେବା ପରି ମନେ ହେଉନାହିଁ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଳ୍ପ ଦିନ ତଳେ ଏପ୍ରିଲ୍ ପହିଲା ଦିନ ତା'ର ୯୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେବାବେଳେ ଭାରତୀୟ ମୁଦ୍ରା ଟଙ୍କାକୁ ଏକ ଆନ୍ତର୍ଜାତିକ ମୁଦ୍ରା ବା 'ଗ୍ଲୋବାଲ୍ କରେନ୍‌ସି'ରେ ପରିଣତ କରିବା ନିମିନ୍ତ ଆବଶ୍ୟକ ପଦକ୍ଷେପମାନ ନେବା ପାଇଁ ଭାରତର କେନ୍ଦ୍ରୀୟ ବ୍ୟାଙ୍କ୍ 'ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ'କୁ ଆହ୍ୱାନ ଦେବା ଦେଖାଯାଇଛି । ମୋଦୀଙ୍କର ଭାରତୀୟ ଟଙ୍କା ସଂପର୍କରେ ଏଭଳି ଉଚ୍ଚାଶା ପୋଷଣରେ କେ ?ଣସି ଅସ୍ୱାଭାବିକତା ନାହିଁ । ବର୍ତ୍ତମାନ ପୃଥିବୀର ଦ୍ରୁତତମ ଅଭିବୃଦ୍ଧି ହାସଲ କରିଚାଲି ଆନ୍ତର୍ଜାତିକ ଅର୍ଥନେ ?ତିକ ପରିସରରେ ଚମକ ସୃଷ୍ଟି କରିବାରେ ଲାଗିଥିବା ଦେଶର ମୁଦ୍ରା ମଧ୍ୟ ଡଲାର୍ ଭଳି ଆନ୍ତର୍ଜାତିକ ବାଣିଜ୍ୟ କାରବାରରେ ସବୁ ପକ୍ଷମାନଙ୍କ ଦ୍ୱାରା ବ୍ୟବହୃତ ହୋଇ ଏକ ଆନ୍ତର୍ଜାତିକ କଠିନ ମୁଦ୍ରା ବା 'ହାର୍ଡ କରେନ୍‌ସି'ର ମର୍ଯ୍ୟାଦା ଲାଭ କରୁ ବୋଲି ଏହି ଦେଶର ପ୍ରଧାନମନ୍ତ୍ରୀ ଆଶା କରୁଛନ୍ତି । ପୁଣି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ମାତ୍ର ପ୍ରାୟ ସାତ ଦଶନ୍ଧି ତଳେ ଭାରତୀୟ ଟଙ୍କା ଯେ ଏଇଭଳି ଏକ ସୀମିତ ଆନ୍ତର୍ଜାତିକ ମର୍ଯ୍ୟାଦାର ଅଧିକାରୀ ଥିଲା, ତାହା ମଧ୍ୟ ମୋଦୀଙ୍କ ଉଚ୍ଚାଶା ଯେ ଅବାସ୍ତବ ନୁହେଁ, ସେଥିପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥାଏ । ଭାରତ ସ୍ୱାଧୀନତା ଲାଭ କରିବା ପରେ ଅନେକ ଆରବ ରାଜ୍ୟରେ ଭାରତୀୟ ଟଙ୍କା ସେ ଦେଶମାନଙ୍କର ବିଧିବଦ୍ଧ ମୁଦ୍ରା ରୂପେ ବ୍ୟବହୃତ ହେଉଥିଲା । ଏପରିକି ୧୯୭୦ ବେଳକୁ ମଧ୍ୟ ସେଥିମଧ୍ୟରୁ କେତେକ ଦେଶରେ 'ଗଲ୍ ?ଫ ରୁପି' (ଉପସାଗରୀୟ ଟଙ୍କା) ନାମକ ଏକ ମୁଦ୍ରା ପ୍ରଚଳିତ ହେଉଥିଲା, ଯାହାକୁ 'ଭାରତୀୟ ରିଜର୍ଭ ବ୍ୟାଙ୍କ୍' ହିଁ ଛପାଉଥିଲା । ଏକ ଦେଶର ମୁଦ୍ରା ଆନ୍ତର୍ଜାତିକ ସ୍ତରରେ ବ୍ୟାପକ ଭାବରେ ବ୍ୟବହୃତ ହେବା ସେ ଦେଶ ପାଇଁ ବହୁତ ଲାଭପ୍ରଦ ହୋଇଥାଏ । ବୈଦେଶିକ ନିବେଶକମାନଙ୍କ ତରଫରୁ ଚାହିଦା ଯୋଗୁଁ ଘରୋଇ କଂପାନିମାନଙ୍କର ବିନ୍ନୀୟ ଖର୍ଚ୍ଚ ଅର୍ଥାତ୍ ସମ୍ବଳ ସଂଗ୍ରହ ଖର୍ଚ୍ଚରେ ହ୍ରାସ ଘଟିଥାଏ, ଯେଉଁମାନେ ଆଉ ବେ ?ଦେଶିକ ମୁଦ୍ରା ଆକାରରେ ଋଣ କରିବା ନିମିନ୍ତ ବାଧ୍ୟ ହୋଇ ନଥାନ୍ତି । ଘରୋଇ ମୁଦ୍ରା ପ୍ରତି ଏଭଳି ଚାହିଦା ଆମଦାନି-ରପ୍ତାନି ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିନିମୟ ହାରରେ ହ୍ରାସବୃଦ୍ଧିଜନିତ ବିପଦ ('ଏକ୍ସଚେଞ୍ଜ ରେଟ୍ ରିସ୍କସ୍')ରେ ହ୍ରାସ ଘଟାଇଥାଏ, କାରଣ ସେମାନଙ୍କୁ ଆଉ ପୂର୍ବଭଳି କାରବାର କଲାବେଳେ ବାରମ୍ବାର ମୁଦ୍ରା ବିନିମୟ କରିବାକୁ ପଡ଼ି ନ ଥାଏ । ନିଜର ମୁଦ୍ରା ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ପରେ ସରକାରଙ୍କୁ ଆଉ ପୂର୍ବଭଳି ବିଶାଳ ଆକାରରେ ବେ ?ଦେଶିକ ମୁଦ୍ରାପାଣ୍ଠି ମହଜୁଦ ରଖିବା ଆବଶ୍ୟକ ହୋଇ ନ ଥାଏ । ଭାରତ ଏହିପରି ଏକ ସ୍ଥିତି ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଯେ କେବଳ ଏକ ଦିବାସ୍ୱପ୍ନ ଦେଖୁଛନ୍ତି, ତାହା ନୁହେଁ । ଟଙ୍କା ଏକ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ନିମିନ୍ତ ଯେଉଁସବୁ ଉପାଦାନମାନଙ୍କର ଉପସ୍ଥିତି ଆବଶ୍ୟକ, ସେଥିମଧ୍ୟରୁ କେତେକ ଉପଲବ୍ ?ଧ ହେବା ଆରମ୍ଭ ହେଲାଣି । ବେ ?ଦେଶିକ ନିବେଶକମାନେ ଯେଉଁଭଳି ପରିସଂପନ୍ତିରେ ପୁଞ୍ଜି ନିବେଶ କରିବାକୁ ଚାହାନ୍ତି, ଭାରତରେ ସେଭଳି ପରିସଂପନ୍ତିମାନ ଉପଲବ୍ ?ଧ ହେବା ଆରମ୍ଭ ହେଲାଣି । ଏହା ବିଦେଶରେ ଟଙ୍କାକୁ ଏକ ସଚଂୟ ବା ସଂପଦର ଧାରକରେ ପରିଣତ କରିବାର ସମ୍ଭାବନା ସୃଷ୍ଟି ହେଲାଣି । କେବଳ ଭାରତୀୟ ଅର୍ଥନୀତିର ଆକାର ଯେ ପୃଥିବୀର ପଚଂମ ବୃହତମ ହୋଇସାରିଛି ଓ ଆସନ୍ତା ତିନି ବର୍ଷ ମଧ୍ୟରେ ତୃତୀୟ ବୃହନ୍ନମରେ ପରିଣତ ହେବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି, ତାହା ନୁହେଁ; ବିଗତ ଏକ ବର୍ଷ ମଧ୍ୟରେ ସେଆର୍ ବଜାରରେ ଭାରତୀୟ କଂପାନିମାନଙ୍କର ସେଆର୍ ସବୁର ଡଲାର୍ ଆକାରରେ ମୂଲ୍ୟରେ ଏକ ଅବିଶ୍ୱସନୀୟ ହାରାହାରି ୩୭ ଶତାଂଶ ବିସ୍ଫୋରକ ବୃଦ୍ଧି ଘଟି ଆନ୍ତର୍ଜାତିକ ନିବେଶକମାନଙ୍କୁ ଚମତ୍କୃତ କରିଛି । ଗତ ସେପ୍ ?ଟେମ୍ବରରେ 'ଜେ ପି ମୋର୍ଗାନ୍ ଚେଜ୍' ଓ ଗତ ମାସରେ 'ବ୍ଲୁମ୍ବର୍ଗ' ଭାରତୀୟ ସରକାରୀ ବଣ୍ଡ ?କୁ ସେମାନଙ୍କର 'ଏମର୍ଜିଙ୍ଗ୍-ମାର୍କେଟ୍ ଇଣ୍ଡେକ୍ସ'ରେ ଅନ୍ତର୍ଭୁକ୍ତ କରିବାକୁ ନେଇଥିବା ନିଷ୍ପନ୍ତି ହେଉଛି ସେମାନଙ୍କ ଉପରେ ଏ ସମସ୍ତର ମିଳିତ ପ୍ରଭାବର ଫଳ । ଟଙ୍କା ମଧ୍ୟ କ୍ରମେ ଅଧିକରୁ ଅଧିକ ବିଦେଶୀମାନଙ୍କ ପାଇଁ ଏକ ବିନିମୟର ମାଧ୍ୟମ ଓ ହିସାବର ଏକକ ରୂପେ ବ୍ୟବହୃତ ହେବାକୁ ଆରମ୍ଭ କଲାଣି । ବାଇଶିଟି ଦେଶର ବ୍ୟାଙ୍କମାନଙ୍କୁ କେଯଣସି ବିନିମୟ ସୀମା ଅନୁପାଳନ ବିନା ଟଙ୍କା ଆକାରରେ ବିଶେଷ ଆକାଉଟଂ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ଗତ ଅଗଷ୍ଟରେ ଭାରତ ପ୍ରଥମ ଥର ପାଇଁ ଟଙ୍କା ଆକାରରେ ମୂଲ୍ୟ ପୈଠ କରି 'ଆବୁ ଧାବି ନେସନାଲ୍ ଅଏଲ୍ କଂପାନି' ଠାରୁ ଅଶୋଧିତ ତୈଳ କ୍ରୟ କରିଛି । କିନ୍ତୁ ଏ ସବୁ ସତ୍ତ୍ୱେ ଡଲାର୍ କିମ୍ବା ଇଉରୋ କିମ୍ବା ପାଉଣ୍ଡ ଷ୍ଟର୍ଲିଙ୍ଗ୍ ଭଳି ଏକ ବିଧିବଦ୍ଧ କଠିନ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ପାଇଁ ଟଙ୍କାକୁ ଆହୁରି ଦୂର ପଥ ଯାତ୍ରା କରିବା ବାକି ଅଛି ଓ ସେ ପଥରେ ଅନେକ ପ୍ରତିବନ୍ଧକମାନ ରହିଛି । ଯେମିତି, କ୍ୟାପିଟାଲ୍ ଆକାଉଟଂରେ ଟଙ୍କା ଏ ପର୍ଯ୍ୟନ୍ତ ପ୍ରତିବଦଳକ୍ଷମ ନୁହେଁ ଏବଂ ନିକଟ ଭବିଷ୍ୟତରେ ଏହି ସ୍ଥିତିରେ କୌଣସି ପରିବର୍ତ୍ତନ ଘଟିବାର ସମ୍ଭାବନା ନାହିଁ । ପୁଣି, ପୃଥିବୀରେ ହେଉଥିବା ମୋଟ ରପ୍ତାନିର ୬୦ ଶତାଂଶରୁ ଅଧିକ ଡଲାର୍ ଆକାରରେ ସଂପାଦିତ ହୋଇଥାଏ । ଆମେରିକା ହେଉଛି ପୃଥିବୀର ବୃହନ୍ନମ ଅର୍ଥନୀତି; ବିନ୍ନୀୟ ମଧ୍ୟସ୍ଥତା ନିମିତ ସର୍ବାଧିକ ଉପଯୁକ୍ତ ବିବେଚିତ ସ୍ଥଳୀ; ସର୍ବାଧିକ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ଆକର୍ଷିତ କରୁଥିବା ଦେଶ; ସର୍ବାଧିକ ସଂଖ୍ୟକ ପୃଥିବୀର ବୃହତମ ବହୁଦେଶୀୟ କଂପାନିମାନଙ୍କର ଆଶ୍ରୟସ୍ଥଳୀ । ଇଉରୋପୀୟ ସାଥୀଦେଶମାନଙ୍କ ସହିତ ମିଳିତ ହୋଇ ଆମେରିକା ପ୍ରାୟ ସମସ୍ତ ଶିଳ୍ପ ବ୍ୟବସାୟମାନଙ୍କୁ ନିୟନ୍ତ୍ରଣ କରିବା ନୀତିନିୟମମାନ ପ୍ରଣୟନ କରିଥାଏ । ତେଣୁ ଡଲାର୍ ଓ ଇଉରୋ ସ୍ୱାଭାବିକ ଭାବରେ କଠିନ ଆନ୍ତର୍ଜାତିକ ମୁଦ୍ରା ରୂପେ ସର୍ବତ୍ର ଗୃହୀତ ହୋଇଥାନ୍ତି । ସାରା ପୃଥିବୀରେ ଗଚ୍ଛିତ ଥିବା ବୈଦେଶିକ ମୁଦ୍ରାପାଣ୍ଠିରେ ଏକ ଦେଶର ମୁଦ୍ରାର ଅଂଶକୁ ତାହାର ବିନ୍ନୀୟ ଗୁରୁତ୍ୱର ଏକ ନିର୍ଭରଯୋଗ୍ୟ ସୂଚକ ରୂପେ ବିଚାର କରାଯାଇପାରେ । ସାରା ପୃଥିବୀରେ ଗଚ୍ଛିତ ଥିବା ମୋଟ ବୈଦେଶିକ ମୁଦ୍ରାର ପରିମାଣ ହେଉଛି ପ୍ରାୟ ୧୨.୩ ଟ୍ରିଲିଅନ୍ ଡଲା ?। ଏହି ବେ ?ଦେଶିକ ମୁଦ୍ରା ଭଣ୍ଡାରରେ ଡଲା ?ର ଅଂଶ ହେଉଛି ୫୪ ଶତାଂଶରୁ ଅଧିକ । ଏଥିରେ 'ଇଉରୋ'ର ଅଂଶ ହେଉଛି ୧୮.୫ ଶତାଂଶ ଓ ଜାପାନୀ ମୁଦ୍ରା ୟେନ୍ ?ର ଅଂଶ ହେଉଛି ୫ ଶତାଂଶରୁ ସାମାନ୍ୟ ଅଧିକ । ଚୀନା ମୁଦ୍ରା 'ୟୁଆନ୍'ର ଏଥିରେ ଅଂଶ ହେଉଛି ମାତ୍ର ୨ ଶତାଂଶରୁ କିଛି ଅଧିକ ବୋଲି 'ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି' ('ଆଇଏମ୍‌ଏଫ୍') ସୂତ୍ରରୁ ପ୍ରକାଶ । ଚୀନ୍‌ର ନୀତିନିର୍ଦ୍ଧାରକମାନେ ଏକ ଦଶନ୍ଧିରୁ ଅଧିକ କାଳ ଧରି ସେ ଦେଶର ମୁଦ୍ରା 'ୟୁଆନ୍'କୁ ଏକ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ କରିବା ପାଇଁ ପ୍ରବଳ ଉଦ୍ୟମ ଚଳାଇ ଆସିଛନ୍ତି । ଏହାସତ୍ତ୍ୱେ ପୃଥିବୀର ମୋଟ ଆନ୍ତର୍ଜାତିକ ବାଣିଜ୍ୟ କାରବାରର ମାତ୍ର ୩ ଶତାଂଶରୁ କମ୍ ୟୁଆନ୍ ଦ୍ୱାରା ସାଧିତ ହୋଇଥାଏ ଓ ତା' ମଧ୍ୟରୁ ୮୦ ଶତାଂଶ କାରବାର ଘଟିଥାଏ ହଂକଂରେ । ଚୀନ୍ ପୃଥିବୀର ଦ୍ୱିତୀୟ ବୃହନ୍ନମ ଅର୍ଥନୀତି ହୋଇଥିଲେ ହେଁ ଓ ସାରା ପୃଥିବୀର ମୋଟ 'ଜିଡିପି'ରେ ତା'ର ଅଂଶ ୧୭ ଶତାଂଶ ହୋଇଥିଲେ ହେଁ ଚୀନ୍ ?ର ମୁଦ୍ରା ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ପାଇଁ ଦଶ ବର୍ଷରୁ ଅଧିକ କାଳ ଧରି ଚାଲିଥିବା ଉଦ୍ୟମର ଫଳ ଏଇଭଳି ହତାଶାଜନକ ହୋଇଛି । ପୁଞ୍ଜିର ଅବାଧ ପ୍ରବେଶ ଓ ପ୍ରସ୍ଥାନ ପଥରେ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରୁଥିବା ରୁଦ୍ଧ କ୍ୟାପିଟାଲ୍ ଆକାଉଟଂ ହେଉଛି ଚୀନା ୟୁଆନ୍ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ନ ହୋଇ ?ପାରିବାର ମୁଖ୍ୟ କାରଣ ବୋଲି ବିଶ୍ୱାସ କରାଯାଉଛି । ଭାରତର କ୍ୟାପିଟାଲ୍ ଆକାଉଟଂ ଚୀନ୍ ଠାରୁ ଅଧିକ ଖୋଲା ହୋଇଥିଲେ ହେଁ, ଅନ୍ୟ କଠିନ ମୁଦ୍ରାସଂପନ୍ନ ଦେଶମାନଙ୍କ ତୁଳନାରେ ଏହା ବହୁ ଅଧିକ ନିବୁଜ ହୋଇଥାଏ । କିନ୍ତୁ ବର୍ତ୍ତମାନର ଅସ୍ଥିର ପୃଥିବୀରେ ବିନ୍ନୀୟ ନିୟନ୍ତ୍ରଣ ସବୁକୁ କୋହଳ କରିବାର ପରିଣତି ବିପଜ୍ଜନକ ହୋଇପାରେ । ଏଣୁ ଟଙ୍କା ଏକ ବାସ୍ତବ ଟାଣୁଆ ଆନ୍ତର୍ଜାତିକ ମୁଦ୍ରାରେ ପରିଣତ ହେବା ପାଇଁ ମୋଦୀ ଦେଖୁଥିବା ସ୍ୱପ୍ନ ନିକଟ ଭବିଷ୍ୟତରେ ସାକାର ହେବା ପରି ମନେ ହେଉନାହିଁ ।

## ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ

ଭୁବନେଶ୍ୱର : ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ । ଓଡ଼ିଶା ବାହାରେ ଓଡ଼ିଶାର ଅନନ୍ୟ ପରିଚୟ । ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଥିଲା ଅଗ୍ରଗଣ୍ୟ । ବିଜୁ ବାବୁ ଓଡ଼ିଶାର ରାଜନୀତି, ଅର୍ଥନୀତି, ସାଂସ୍କୃତିକ ଜାଗରଣ, ଚେତନା ଆନ୍ଦୋଳନକୁ ବହୁଭାବେ ପ୍ରଭାବିତ କରିଥିଲେ ବୋଲି ଅତିଥିମାନେ ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମତପ୍ରଦାନ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଥିଲେ ଜଣେ ମହାନାୟକ । ସମୟ ଓ ଇତିହାସର ଗତିପଥକୁ ବଦଳେଇଦେବା ଭଳି ଚରିତ୍ର ସେ ଥିଲେ । କେବଳ ଭାରତ ନୁହେଁ, ଇଣ୍ଡୋନେସିଆ ଏବଂ ଋଷିୟା, ସବୁଠାରୁ ତାଙ୍କର ବୀରତ୍ୱ ପାଇଁ ସେ ପ୍ରଶଂସିତ ହୋଇଥିଲେ । ତାଙ୍କର ସ୍ୱପ୍ନ, ସାହସ ଏବଂ ବୀରତ୍ୱ ଅତ୍ୟନ୍ତ ମର୍ମସ୍ପର୍ଶୀ । ମଧୁବାବୁ ଯେଭଳି ଉତ୍କଳ ନାମର ସର୍ବଦା ପ୍ରଚାରପ୍ରସାର କରୁଥିଲେ, ସେଭଳି ବିଜୁବାବୁ କଳିଙ୍ଗ ଶବ୍ଦକୁ ଅତ୍ୟନ୍ତ ଭାବପ୍ରବଣ ଭାବରେ ବ୍ୟବହାର କରୁଥିଲେ । ସେଥିପାଇଁ ସେ କଳିଙ୍ଗ ନାମରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ରାଜ୍ୟ ପୁରସ୍କାରକୁ ନାମିତ କରି ରାଜ୍ୟର ଗରିମାମୟ ଇତିହାସର ପୁନର୍ଜାଗରଣ ପାଇଁ ପ୍ରୟାସ କରିଥିଲେ ବୋଲି ପ୍ରମୁଖ ଶାସନ ସଚିବ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ଅଭିରାମ ବିଶ୍ୱାଳ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, କୃତି ଓ କୀର୍ତ୍ତି ଉପରେ ଆଲୋକପାତ କରିଥିଲେ । ସେ କହିଲେ ଯେ ପାରାଦୀପ ବନ୍ଦର, ମହିଳା ସଶକ୍ତିକରଣ, ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଆଦି ତାଙ୍କର ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର । ଶିଳ୍ପ ବିକାଶ ହେଉ ବା ଭିତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତିକରଣ ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି । କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି ବୋଲି ଡ.ବିଶ୍ୱାଳ ପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଓଡ଼ିଆ ଜାତି ପାଇଁ, ରାଜ୍ୟ ତଥା ଦେଶ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସବୁବେଳେ ନମସ୍ୟ ହୋଇ ରହିବେ । ବିଜୁବାବୁଙ୍କ ଦେହାବସାନ ପରେ ତାଙ୍କ ମୃତ ଶରୀରକୁ ତିନିଗୋଟି ରାଷ୍ଟ୍ରର ଜାତୀୟ ପତାକା ଦ୍ୱାରା ଆଚ୍ଛାଦିତ କରାଯାଇଥିଲା । ଅଦମ୍ୟସାହସୀ ବିଜୁ ପଟ୍ଟନାୟକ ରାଜ୍ୟ ରାଜନୀତିରେ ପ୍ରବେଶ କରି ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବାପରେ ଓଡ଼ିଶାର ବିକାଶ ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଦୂରଦୃଷ୍ଟି ସଂପନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ରାଜ୍ୟବାସୀଙ୍କ ପାଇଁ ତାଙ୍କ ଆଦର୍ଶ ଅନୁକରଣୀୟ ହୋଇରହିଥିବେ ବୋଲି ସେ ପ୍ରକାଶ କରିଥିଲେ । ପ୍ର ାରମ୍ଭରେ ଅତିଥିମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

